

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୭ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 August 2026

Vol.No. 36 ■ No.215 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଯୁଦ୍ଧ ଆରମ୍ଭ କଲେ ଟ୍ରମ୍ପ, ଦୋଷ ନ କରି ଆମେ ଭୋଗୁଛୁ ପରିଣାମ : ସାଉଦି ଆରବ



ନୂଆଦିଲ୍ଲୀ,୧୪/୮ : ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ପ୍ରାୟ ଛଅ ମାସ ଧରି ଚାଲିଛି। ଇରାନ ବିରୋଧରେ ଯୁଦ୍ଧ ଆରମ୍ଭ କରିବା ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ, ଏହି ଯୁଦ୍ଧ ସହିତ ଜଡିତ ଖବର ସାମ୍ନାକୁ ଆସିଛି ଯାହା ଟ୍ରମ୍ପଙ୍କ ସମସ୍ୟାକୁ ଆହୁରି ବଢ଼ାଇପାରେ। କୁହାଯାଉଛି ଯେ, ଯୁଦ୍ଧକୁ ନେଇ ଉପସାଗରୀୟ ଦେଶଗୁଡ଼ିକ ଆମେରିକା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଅଛନ୍ତି। ଉପସାଗରୀୟ ଦେଶଗୁଡ଼ିକ ସେମାନଙ୍କର ସୁରକ୍ଷା ପାଇଁ ଆମେରିକା ଉପରେ ନିର୍ଭର କରନ୍ତି, ଯେଉଁଥିରେ ଆମେରିକୀୟ ସହଭାଗୀତା ଏବଂ ଅସ୍ତ୍ରଶସ୍ତ୍ର ଯୋଗାଣ ଅନ୍ତର୍ଭୁକ୍ତ। ବର୍ତ୍ତମାନ ଇରାନ ଯୁଦ୍ଧରେ ଜଡିତ, ଆମେରିକା ଏହି ଦେଶଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ଅସ୍ତ୍ରଶସ୍ତ୍ର ଯୋଗାଇ ପାରୁନାହିଁ ଏବଂ ସେମାନଙ୍କୁ ଇରାନ ଆକ୍ରମଣରୁ ରକ୍ଷା କରିପାରୁ ନାହିଁ। ଫଳସ୍ୱରୂପ, ଉପସାଗରୀୟ ଦେଶଗୁଡ଼ିକ ଆମେରିକା ଉପରେ ଅସନ୍ତୁଷ୍ଟ ହୋଇଛନ୍ତି। ଉପସାଗରୀୟ ଦେଶର କିଛି ଅଧିକାରୀଙ୍କ ଅନୁସାରେ, ଟ୍ରମ୍ପ ଯୁଦ୍ଧ ଆରମ୍ଭ କରିଥିଲେ, କିନ୍ତୁ ଆମେ ଏହାର ମୂଲ୍ୟ ଦେଉଛୁ। ଆମେ ଦୋଷ ନକରି ମଧ୍ୟ ଏହାର ପରିଣାମ ଭୋଗୁଛୁ। ଗତ ସପ୍ତାହରେ ସାଉଦି ଆରବ, ତୁର୍କୀ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ଚୁକ୍ତିନାମା ଆମେରିକା ପାଇଁ ଇସଲାମିକ୍ ନାଟୋର ଏକ ସଙ୍କେତ ଥିଲା। ଏହି ଚୁକ୍ତିନାମା ଦର୍ଶାଉଛି ଯେ ଶକ୍ତିଶାଳୀ ଉପସାଗରୀୟ ଦେଶଗୁଡ଼ିକ ଏବେ ସେମାନଙ୍କର ପ୍ରତିରକ୍ଷା ପାଇଁ ଆମେରିକାର ବିକଳ୍ପ ଖୋଜୁଛନ୍ତି। ଉଦାହରଣ ସ୍ୱରୂପ, ସାଉଦି ଆରବ ନିଜର ପ୍ରତିରକ୍ଷା ପାଇଁ ତୁର୍କୀ ଏବଂ ପାକିସ୍ତାନ ଭଳି ଶକ୍ତିଶାଳୀ ମୁସଲିମ୍ ଦେଶ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି। ସେମାନଙ୍କ ମତରେ, ଆମେରିକା ଆଉ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଯଥେଷ୍ଟ ନୁହେଁ। ତେବେ ଏନେଇ ଟ୍ରମ୍ପଙ୍କ ପ୍ରଶାସନର ମତ ଭିନ୍ନ ରହିଛି। ହ୍ୱାଇଟ୍ ହାଉସ୍ ଅଧିକାରୀଙ୍କ ଅନୁସାରେ, ରାଷ୍ଟ୍ରପତି ଟ୍ରମ୍ପଙ୍କର ସମସ୍ତ ଗଲ୍ଫ ଦେଶର ନେତାଙ୍କ ସହ ଭଲ ସମ୍ପର୍କ ରହିଛି। ଇରାନ ବିରୋଧରେ ଅପରେସନ୍ ଏପିକ୍ ଫ୍ୟୁରି ଆରମ୍ଭ କରିବା ପୂର୍ବରୁ ଆମେରିକା ନିଜର ଗଲ୍ଫ ମିତ୍ରମାନଙ୍କୁ ସୂଚିତ କରିଥିଲା ଏବଂ ଅପରେସନ୍ ଆରମ୍ଭ ହେବା ପୂର୍ବରୁ ହ୍ୱାଇଟ୍ ହାଉସ୍ ସେମାନଙ୍କ ସହିତ ଯୋଗାଯୋଗରେ ଥିଲା। ତେବେ ୟୁରେସିଆ ଗ୍ରୁପ୍‌ର ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକା ବ୍ୟାପାର ନିର୍ଦ୍ଦେଶକ ଫିରାସ୍ ମକସାଦ ହ୍ୱାଇଟ୍ ହାଉସ୍ ଅଧିକାରୀଙ୍କ ଅପେକ୍ଷା ଯୁଦ୍ଧ ବିଷୟରେ ଭିନ୍ନ ଦୃଷ୍ଟିକୋଣ ରଖିଛନ୍ତି। ସେ କହିଛନ୍ତି ଯେ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଉପସାଗରୀୟ ଦେଶମାନଙ୍କ ମଧ୍ୟରେ ହତାଶା ଭାବ ଦେଖାଦେଇଛି। ପାରସ୍ୟ ଉପସାଗରରେ ଥିବା ଆମେରିକାର ସହଯୋଗୀମାନେ ଅନୁଭବ କରୁଛନ୍ତି ଯେ ସେମାନେ ଅନାବଶ୍ୟକ ଭାବରେ ଏକ ଯୁଦ୍ଧରେ ଫସିଯାଇଛନ୍ତି ଯାହାର ସମାଧାନ କରିବାକୁ ଟ୍ରମ୍ପ ଏବେ ସଂଘର୍ଷ କରୁଛନ୍ତି। ଆମେରିକୀୟ ବିଶେଷଜ୍ଞ ଏବଂ ଆରବ ଗଲ୍ଫ ଷ୍ଟେଟ୍ସ ଇନଷ୍ଟିଚ୍ୟୁଟର ଫେଲୋ, ଆନ୍ନା ଜ୍ୟାକବସ୍ କହିଛନ୍ତି ଯେ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗଲ୍ଫ ଦେଶଗୁଡ଼ିକ ଆମେରିକା ଉପରେ ବିଶ୍ୱାସ ହରାଇ ବସିଛନ୍ତି।

## ରାଜ୍ୟରେ ବନ୍ୟାସ୍ଥିତି: ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ପରୀକ୍ଷା ବାତିଲ, ଭଦ୍ରକର ୫ ବ୍ଲକ୍, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି



ଭୁବନେଶ୍ୱର/ଭଦ୍ରକ/ମୟୂରଭଞ୍ଜ, ୧୬/୮ (ନି.ପ୍ର): ରାଜ୍ୟରେ ବନ୍ୟାସ୍ଥିତି ଓ ୧୭ ତାରିଖ (ସୋମବାର) ପ୍ରବଳ ରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲ୍ଲାରେ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ବନ୍ଦ କରାଯାଇଛି। ଅପରପକ୍ଷରେ ବର୍ଷା ଓ ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ସୋମବାର ହେବାକୁ ଥିବା ସମସ୍ତ ପରୀକ୍ଷାକୁ ବାତିଲ କରାଯାଇଛି। ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ସୂଚନାନୁସାରେ, (ପତ୍ର ସଂଖ୍ୟା ୨୧୪୬) ୧୭ ତାରିଖରେ ହେବାକୁ ଥିବା ୟୁଜି (+୩), ବିଏସ୍‌ସି, ଆଇଟିଏମ୍, କମ୍ପ୍ୟୁଟର ସାଇନ୍ସ ଓ ବିଏଡ୍(ୟୁଡିଟିଇ)ର ୪ର୍ଥ ସେମିଷ୍ଟର ପରୀକ୍ଷାକୁ ବାତିଲ କରାଯାଇଛି। ଛାତ୍ର, ଅଧ୍ୟାପକ ସଦସ୍ୟ ଓ ପରୀକ୍ଷାରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଏହି ପତ୍ରରେ ଉଲ୍ଲେଖ କରାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ବାଲେଶ୍ୱରରେ ମଧ ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନର ଛୁଟି ଘୋଷଣା କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ମର୍ମରେ ଆଜି ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବନ୍ୟା ପରିସ୍ଥିତି ଯୋଗୁଁ ଭଦ୍ରକ ଜିଲ୍ଲାର ୫ଟି ବ୍ଲକର ବିଦ୍ୟାଳୟରେ ୧୭ ତାରିଖରେ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଭଦ୍ରକଙ୍କ ନିର୍ଦ୍ଦେଶକ୍ରମେ ତା. ୧୭.୦୮.୨୦୨୬ (ସୋମବାର) ଦିନ ଜିଲ୍ଲାର ବାସୁଦେବପୁର, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡି ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଗୁଡିକରେ ଛୁଟି ଘୋଷଣା କରାଯାଇଛି।

## ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ନେଲେ ବିନୟତୋଷ ମିଶ୍ର



ଭୁବନେଶ୍ୱର, ୧୬/୮ (ନି.ପ୍ର): ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି ଖୁରାନିଆ ଆଜି ଚାକିରିରୁ ଅବସର ନେଇଥିବା ବେଳେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅପରାହ୍ନରେ ସେ କଟକ ସ୍ଥିତ ପୁଲିସ ମୁଖ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀ ଖୁରାନିଆ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦୁଇ ଦିନ ତଳେ ରାଜ୍ୟ ସରକାର ୧୯୯୩ ବ୍ୟାଚ ଆଇପିଏସ୍ ଅଫିସର ଶ୍ରୀ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ନିଯୁକ୍ତ କରିଥିଲେ। ପୁଲିସ ଡିଜି ଚୟନ ବିବାଦ ଯୋଗୁ ମାମଲା ଏବେ ସୁପ୍ରିମକୋର୍ଟରେ ରହିଛି ଓ ପରବର୍ତ୍ତୀ ଶୁଣାଣି ୧୮ତାରିଖ ପର୍ଯ୍ୟନ୍ତ ନୂଆ ଡିଜିପି ଚୟନ ପ୍ରକ୍ରିୟା ନକରିବାକୁ ୟୁପିଏସସିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ଗତ ଗୁରୁବାର ସୁପ୍ରିମକୋର୍ଟ ରୋକ୍ ଲଗାଇବା ପରେ ଶ୍ରୀ ମିଶ୍ର ରାଜ୍ୟର ପରବର୍ତ୍ତୀ ଭାରପ୍ରାପ୍ତ ଡିଜି ହେବେ ବୋଲି ଚର୍ଚ୍ଚା ହେଉଥିଲା। ବିହାରର ମଧୁବନୀ ଜିଲ୍ଲାରେ ୧୯୬୬ ନଭେମ୍ବର ୩ତାରିଖରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ମିଶ୍ର ପୁଲିସ ମ୍ୟାନେଜମେଣ୍ଟରେ ମାଷ୍ଟରଡିଗ୍ରୀ ହାସଲ କରିଛନ୍ତି । ସେ ଗତ ୨୦୨୫ ଜାନୁଆରୀରୁ ରାଜ୍ୟରେ ଡିଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି। ତାଙ୍କର କାର୍ଯ୍ୟକାଳ ୬ ମାସରୁ କମ୍ ଥିବାରୁ ୟୁପିଏସସି ନିୟମାବଳୀ ଅନୁଯାୟୀ ତାଙ୍କୁ ସ୍ଥାୟୀ ଡିଜିପି ଚୟନ ପ୍ୟାନେଲରେ ସାମିଲ କରାଯାଇନାହିଁ। ଭାରପ୍ରାପ୍ତ ଡିଜି ବା ଇନଚାର୍ଜ ଡିଜି ଓ ଆକ୍ଟିଂ ଡିଜି ନିଯୁକ୍ତି ଦେବା ଉପରେ ମଧ ସୁପ୍ରିମକୋର୍ଟ ପୂର୍ବରୁ କଟକଣା ଜାରି କରିଛନ୍ତି ଓ ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଧ ବାରମ୍ବାର ରାଜ୍ୟଗୁଡ଼ିକୁ ତାଗିଦ୍ କରିସାରିଛି। ତଥାପି ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବା ପାଇଁ ରାଜ୍ୟ ସରକାର ଏହି ଭାରପ୍ରାପ୍ତ ଡିଜି ନିଯୁକ୍ତି ଦେବାକୁ ଏକରକମ ବାଧ ହୋଇଛନ୍ତି। ଆସନ୍ତା ୧୮ତାରିଖରେ ସୁପ୍ରିମକୋର୍ଟରେ ଶୁଣାଣି ପରେ ରାଜ୍ୟରେ ନୂଆ ତଥା ସ୍ଥାୟୀ ଡିଜିପି ନିଯୁକ୍ତି ପ୍ରକ୍ରିୟା ପାଇଁ ମାର୍ଗ ପ୍ରଶସ୍ତ ହେବ।

### କୋରାପୁଟରେ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬/୮ (ନି.ପ୍ର): କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ଏବଂ ରୋଗୀସେବାର ସ୍ଥିତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ହସ୍ପିଟାଲରେ ଉପଲବ୍ଧ ବିଭିନ୍ନ ଚିକିତ୍ସା ସୁବିଧା, ରୋଗୀଙ୍କ ଆବଶ୍ୟକତା, ଚିକିତ୍ସା ବ୍ୟବସ୍ଥା ଏବଂ ହସ୍ପିଟାଲର ଭିତ୍ତିଭୂମି ସମ୍ପର୍କରେ ମନ୍ତ୍ରୀ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ମଧ ଆଲୋଚନା ହୋଇଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଉତ୍ତମ ରୋଗୀସେବା ସରକାରଙ୍କ ପ୍ରାଥମିକତା ବୋଲି ଡ. ମହାଲିଙ୍ଗ କହିଥିଲେ।

## ଲଘୁଚାପ କ୍ଷେତ୍ର: ସତର୍କ ରହିବା ଓ ତ୍ୱରିତ ପଦକ୍ଷେପ ପାଇଁ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୬/୮ (ନି.ପ୍ର): ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ସମସ୍ତ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ଉଚ୍ଚସ୍ତରୀୟ ସତର୍କତା ଅବଲମ୍ବନ କରିବା ସହ ଯେକୌଣସି ପରିସ୍ଥିତିରେ ତ୍ୱରିତ, ସମନ୍ୱିତ ଓ ଜନକେନ୍ଦ୍ରିକ ପଦକ୍ଷେପ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ କର୍ମଚାରୀ, ଯନ୍ତ୍ରପାତି ଓ ଆବଶ୍ୟକ ସାଜସଜ୍ଜାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ସଜାଗ ରଖିବା ସହ ରାପିଡ୍ ରେସ୍ପନ୍ସ ଟିମ୍‌ଗୁଡ଼ିକୁ ସକ୍ରିୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ରସ୍ତରରୁ ମିଳୁଥିବା ଯେକୌଣସି ସମସ୍ୟାକୁ ତୁରନ୍ତ ଓ ପ୍ରାଥମିକତା ଭିତ୍ତିରେ ସମାଧାନ କରିବା ଏବଂ ନାଗରିକମାନଙ୍କ ଅସୁବିଧାକୁ ସର୍ବନିମ୍ନ ସ୍ତରରେ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଜନସାଧାରଣଙ୍କ ମଧ୍ୟରେ ଆସ୍ଥା ଓ ନିର୍ଭରଶୀଳତା ବୃଦ୍ଧି ପାଇଁ ପ୍ରସ୍ତୁତି ଓ କ୍ଷେତ୍ରସ୍ତରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ପ୍ରେସ୍ ବ୍ରିଫ୍ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ସକ୍ରିୟ ଭାବେ ସୂଚନା ପ୍ରଦାନ କରିବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିୟମିତ ଭାବେ ଅବଗତ କରାଇବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ବିଭାଗ ଓ ଜିଲ୍ଲା ପ୍ରଶାସନର ସହଯୋଗ ନେଇ ଘନିଷ୍ଠ ଆନ୍ତଃବିଭାଗୀୟ ସମନ୍ୱୟ ମାଧ୍ୟମରେ ପ୍ରଭାବଶାଳୀ ଭୂମିସ୍ତରୀୟ ପଦକ୍ଷେପ ସୁନିଶ୍ଚିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଦେଇଛନ୍ତି ।

## ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ ନେଇ ହାଇକୋର୍ଟଙ୍କ ବଡ଼ ରାୟ

ଭୁବନେଶ୍ୱର, ୧୬/୮ (ନି.ପ୍ର): ସରପଞ୍ଚଙ୍କୁ ପଦରୁ ହଟାଇବା ପାଇଁ କେବଳ ନୋଟିସ୍ ଦେଲେ ହେବନାହିଁ । ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍ ସହ ରିକ୍ୟୁଜିସନ୍ ଏବଂ ପ୍ରସ୍ତାବର ନକଲ ଦେବା ବାଧ୍ୟତାମୂଳକ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି ହାଇକୋର୍ଟ । ନିୟମ ଅନୁସାରେ ପ୍ରକ୍ରିୟା ପାଳନ ନକଲେ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଅବୈଧ ହୋଇପାରେ । ଅନାସ୍ଥା ବୈଠକ ପାଇଁ ଅତି କମ୍‌ରେ ୧୫ ଦିନ ପୂର୍ବରୁ ସରପଞ୍ଚଙ୍କୁ ପୂର୍ଣ୍ଣ ନୋଟିସ୍ ଦେବାକୁ ପଡ଼ିବ । କଟକ ଜିଲ୍ଲା ଆଠଗଡ଼ର କଣ୍ଡରାଇ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ଞାନ ରଞ୍ଜନ ଦାସଙ୍କ ବିରୋଧରେ ଆଗତ ଅନାସ୍ଥା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି । ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ବେଳେ ଆଇନଗତ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ପାଳନ କରିବା ଜରୁରୀ । ବୈଠକର ନୋଟିସ୍ ସରପଞ୍ଚଙ୍କୁ ବ୍ୟକ୍ତିଗତ ଭାବେ ହସ୍ତାନ୍ତର କରିବା ଆବଶ୍ୟକ ।

◆◆ପୃଷ୍ଠା ୭

## ‘ଏବେ ଝିଅମାନେ କହିବେ, ଦେଶ ଶୁଣିବ’ ଛାତ୍ରଙ୍କ ଗୁଞ୍ଜ’ ନେଇ ରାହୁଲଙ୍କ ବଡ଼ ଘୋଷଣା



ନୂଆଦିଲ୍ଲୀ,୧୬/୮ : ନିଟ୍ ପରୀକ୍ଷା ପେପର ଲିକ୍‌କୁ ନେଇ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ପୁଣେରେ ‘ଛାତ୍ରଙ୍କ ଗୁଞ୍ଜ’ କାର୍ଯ୍ୟକ୍ରମ ଆୟୋଜନ ନେଇ ଘୋଷଣା କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ଅଗଷ୍ଟ ୨୨ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କେବଳ ଝିଅମାନେ ଅଂଶଗ୍ରହଣ କରିବେ ବୋଲି ସେ କହିଛନ୍ତି। ରବିବାର ରାହୁଲ ଗାନ୍ଧୀ ‘ଏକ୍ସ’ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଭିଡିଓରେ ସେ ଘରରଞ୍ଜ ପେପର ଲିକ୍ ବିରୋଧରେ ଦିଲ୍ଲୀର ଜନ୍ତର ମନ୍ତରରେ ଆନ୍ଦୋଳନ କରିଥିବା କିଛି ଯୁବକ-ଯୁବତୀଙ୍କ ସହ କଥା ହେଉଥିବା ଦେଖାଯାଇଛି । ଆଲୋଚନା ସମୟରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ସମୟରେ ଦିଲ୍ଲୀ ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରାହୁଲଙ୍କୁ ଅବଗତ କରାଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ପୋଲିସ କର୍ମଚାରୀମାନେ କିଛି ପ୍ରଦର୍ଶନକାରୀଙ୍କୁ ଦେଶଦ୍ରୋହୀ ଓ ଆତଙ୍କବାଦୀ ବୋଲି କହିଥିଲେ । ଏହାସହ ପ୍ରଦର୍ଶନକାରୀଙ୍କ ଉପରେ ଜୋରଦାର ଲାଠିଚାର୍ଜ କରାଯାଇଥିବା ମଧ ସେମାନେ ଅଭିଯୋଗ କରିଛନ୍ତି । ଛାତ୍ରମାନଙ୍କ ଏହି ଅଭିଯୋଗକୁ ନେଇ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରିଛନ୍ତି ରାହୁଲ । ତାଙ୍କ ଏକ୍ସ ପୋଷ୍ଟରେ ସେ କହିଛନ୍ତି, ଦେଶର ଯୁବପିଢ଼ି ସାହସର ସହ ଠିଆ ହୋଇ ଜବାବଦେହିତା ଦାବି କରିଛି। ଶାନ୍ତି, ଭଲପାଇବା ଓ ହସଖୁସି ସହ ଯୁବପିଢ଼ି ନିଜର ସ୍ୱର ଉଠାଇଥିବାରୁ ସେ ଗର୍ବିତ ବୋଲି କହିଛନ୍ତି । ବିଶେଷକରି ଆନ୍ଦୋଳନରେ ସାମିଲ ହୋଇଥିବା ଝିଅମାନଙ୍କୁ ରାହୁଲ ପ୍ରଶଂସା କରିଛନ୍ତି । ବିଜେପି କର୍ମୀଙ୍କ ଦୁର୍ବ୍ୟବହାର, ଗାଳିଗୁଲଜ ଓ ହିଂସାର ସେମାନେ ସାମ୍ନା କରିଥିବା ରାହୁଲ ଅଭିଯୋଗ କରିଛନ୍ତି ।

## ‘ବନ୍ଦେ ମାତରମ୍’କୁ ଅବମାନନା ଅଭିଯୋଗ: ସୋନିଆ ଗାନ୍ଧୀଙ୍କୁ କ୍ଷମା ମାଗିବାକୁ କହିଲେ ଅମିତ ଶାହ



ନୂଆଦିଲ୍ଲୀ,୧୬/୮ : ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ କଂଗ୍ରେସ ମୁଖ୍ୟାଳୟରେ ଜାତୀୟ ସଂଗୀତ ‘ବନ୍ଦେ ମାତରମ୍’ ଗାନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ତୀବ୍ର ରୂପ ନେଇଛି। ଜାତୀୟ ସଂଗୀତ ଗାନକୁ ମଝିରୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଥିବା ଅଭିଯୋଗକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ଉପରେ ବର୍ଷିଛନ୍ତି । ରବିବାର ଚିତ୍ତୋଡ଼ଗଡ଼ଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦବୋଧନ ଦେଇ ଶାହ କହିଛନ୍ତି ଯେ, ସୋନିଆ ଗାନ୍ଧୀ ଏହି ଘଟଣା ପାଇଁ ସମଗ୍ର ଦେଶବାସୀ ଏବଂ ସଂଗୀତର ରଚୟିତା ବଙ୍କିମଚନ୍ଦ୍ର

◆◆ପୃଷ୍ଠା ୭

# ଖୋରଧା ୮୦ ତମ ସ୍ୱାଧିନତା ଦିବସ ମହା ସମାରୋହରେ ପାଳିତ



ଖୋର୍ଦ୍ଧା,୧୬/୦୮ (ନି.ପ୍ର): ସମସ୍ତ ଭାରତୀୟ ଗୋଟିଏ ପେନ୍ଥାର ଫୁଲ: ଜିଲ୍ଲାପାଳ: ଶ୍ରୀ ରତୁରାଜ: ଖୋରଧା ତା ୧୫.୦୮.୨୦୨୬ ରିଖ, ଖୋରଧା ସଦର ମହକୁମା ବି ଜେ ବି ଉଚ୍ଚ ବିଦ୍ୟାଳୟ ପଡିଆରେ ଖୋରଧା ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସଂପର୍କ ବିଭାଗ ମିଳିତ ଆନୁକୁଲ୍ୟରେ ୮୦ ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଅଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ରତୁରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବନ୍ଦେମାତରମ୍ ଓ ଜନ ଗଣମନ ଗାନ ପୂର୍ବକ ଜାତୀୟ ପତାକାକୁ ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ । ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ସ୍ୱାଧୀନତା ଆନ୍ଦୋଳନର ଯେଉଁ ପ୍ରମୁଖ ମହାପୁରୁଷ ମାନେ ଆତ୍ମ ବିସର୍ଜନ କରିଛନ୍ତି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱାଧୀନତା ଦିବସର ମହାନୁଭୂତି ୮୦ ବର୍ଷ ପୂର୍ତ୍ତି କୁ ମୁଖ୍ୟ ଅତିଥି ସ୍ୱାଗତ କରି ଭାରତର ମାଟି, ସମାଜ,ଓ ଦେଶ ଗରିମା ମଧ୍ୟ ସ୍ୱାଧୀନତା ଦିବସ ୮୦ ବର୍ଷ ପୂର୍ତ୍ତି ପାଳନ କରି ବୁଦ୍ଧିମନ୍ତ ହୋଇଛି । ଭୂଖଣ୍ଡ ଆରବ ସାଗରରୁ ଭାରତର ଆତ୍ମା, ଅହିଂସାରୁ ବଶୁଧେବକୁଟୁମ୍ବକମ ମନ୍ତ୍ରରେ ଭାରତ ବାସି ଜାତି ପ୍ରଜାତିର ଫୁଲରେ ଗୋଟିଏ ପେନ୍ଥାରେ ବାନ୍ଧିହୋଇ ବିଶ୍ୱକୁ ବିଶାଳ ସ୍ୱାଧୀନ ଭାରତର ଅପୂର୍ବ ଗାଥାର ଅହିଂସା ମନ୍ତ୍ରରେ ଦୀକ୍ଷିତ ହେବା ପାଇଁ ପ୍ରେରଣା ଦେଉଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଖୋରଧା ଗଡର ଲାଲ ମାଟିର ପାଇକ ବିଦ୍ରୋହ କୁ ରାଷ୍ଟ୍ର ଭୁଲି ପାରିବ ନାହିଁ ବୋଲି ପ୍ରକାଶ କରି ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ଦଳ ବେହେରା ପ୍ରମୁଖ ମହାନ୍ ଯୋଦ୍ଧା ଓ ଦେଶ ପ୍ରେମୀ ବ୍ରିଟିଶ ଶାସନ ଆଗରେ ମୁଣ୍ଡ ନୁଆଇଁ ନଥିଲେ ବୋଲି ଉଦବୋଧନରେ ପ୍ରକାଶ କରିଥିଲେ । ଏବେ ଆମେ ସ୍ୱାଧୀନ ଭାରତ ବର୍ଷରେ ଆମ ଅଧିକାର ଓ କର୍ତ୍ତବ୍ୟ ବଳରେ ଆମେ ସମସ୍ତ କ୍ଷେତ୍ରରେ ଆଗେଇ ଚାଲିଛେ । ଆମ ଭାରତ ବର୍ଷର ପାଞ୍ଚ ହଜାର ବର୍ଷର ମହାନ୍ ସଭ୍ୟତା ରେ ବ୍ରତୀ ହୋଇ ଦୃଢ ସଂକଳ୍ପ, ନିଜ କର୍ତ୍ତବ୍ୟ ସମ୍ପାଦନ କରି ରାଷ୍ଟ୍ରକୁ,ରାଜ୍ୟକୁ, ଜିଲ୍ଲାକୁ ଓ ସମାଜକୁ ରୁଧିମନ୍ତ କରିବା ପାଇଁ ନୂତନ ଯୁବ ପିଢ଼ି ଅଧିକରୁ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇ ଧନ୍ୟବାଦ ଜଣାଇଥିଲେ । ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା, ମାର୍ଚ୍ଚ ପାଷ୍ଟ, ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହୋଇଥିଲା । ପ୍ରଜ୍ଞାପନ ମେଢ ପ୍ରତି ଯୋଗିତାରେ ଜିଲ୍ଲାପରିଷଦ, ଖୋରଧା, ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିତୀୟ ଏବଂ ନିର୍ବାହୀ ଅଧିକାରୀ, ପୌର ପରିଷଦଙ୍କ ମେଢ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶିଆଳିଆ, ପ୍ରଥମ, ସରସ୍ୱତୀ ଶିଶୁ ମନ୍ଦିର, ଗୁରୁଜଙ୍ଗା, ଦ୍ୱିତୀୟ ଓ ବି ଜେ ବି ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ମୁଖ୍ୟ ଅତିଥି ଦିବସ ଉପଲକ୍ଷେ ପ୍ରାଥମିକ ବିଦ୍ୟାଳୟଠାରୁ ମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ଚିତ୍ରାଙ୍କନ, ଫ୍ୟାନ୍ସି ଡ୍ରେସ୍, ଓଡ଼ିଆ ଦେଶାତ୍ମବୋଧ ସଙ୍ଗୀତ, ପ୍ରବନ୍ଧ ଓ ବକ୍ତୃତା ପ୍ରତି ଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ପରେ ଜେଲରେ ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଦିବସ ଉପଲକ୍ଷେ ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ରମଧୁନ ପ୍ରଚାର କରାଯାଇଥିଲା । ପ୍ୟାରେଡ ପ୍ରତି ଯୋଗଗିତାରେ ସିନିୟର୍ ଏନ ସି ସି ରେ ପି ଏନ କଲେଜ, ଜୁନିୟର ରେ ଆର୍ଯ୍ୟଭଟ୍ଟ ଆନ୍ସିଏଣ୍ଟ ଏକାଡେମି, ସ୍ୱତନ୍ତ୍ର ଛାତ୍ର ପୋଲିସରେ ବାଳିକା ବିଦ୍ୟାଳୟ, ଖୋରଧା, ଗାଇଡ ବିଭାଗରେ ସରସ୍ୱତୀ ଶିଶୁ ମନ୍ଦିର, ପଲାହାଟ,ଗାଇଡ ଦଳରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଖୋରଧା, ଅନ୍ୟାନ୍ୟ ବେସାମରିକ ଦଳରେ ପି ଏନ କଲେଜ, ଖୋରଧା, ବେସାମରିକ ହାଇସ୍କୁଲ ସ୍ତରରେ ଏସ ଡି ଏ ହାଇସ୍କୁଲ, ଖୋରଧା, ବେସାମରିକ ଉଚ୍ଚ ପ୍ରାଥମିକରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧ ଇଂରାଜୀ, ଗୁରୁଜଙ୍ଗା, ବେସାମରିକ ପ୍ରାଥମିକ ସ୍ତରରେ ଶିଶୁ ବିହାର ଗୁରୁଜଙ୍ଗା ଏବଂ ଶୃଙ୍ଖଳାରେ ଗୁରୁଜଙ୍ଗା ଉଚ୍ଚ ବିଦ୍ୟାଳୟ, ଖୋରଧା ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ପ୍ୟାରେଡରେ ଆଇ ଟି ବି ପି, ତରତୁଆ, ଷଷ୍ଠ ଆଇ ଆର ବି ବାଟାଲିୟନ,ଏ ପି ଆର, ଖୋରଧା, ହୋମଗାର୍ଡ, ପୋଲିସ ବ୍ୟାଣ୍ଡ ପାର୍ଟି ଏବଂ ମହା ବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ନେଇ ମୋଟ ୫୬ ଗୋଟି ପ୍ୟାରେଡ ଦଳ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡ କମାଣ୍ଡର ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ପ୍ୟାରେଡ ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମୀଥ ପାରଷୋତ୍ତମ୍ ଦାସ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ପରିଷଦ ସଭାପତି ଶ୍ରୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ଉପସଭାପତି ଶ୍ରୀ ଗୋପୀନାଥ ମହାରଣା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଶ୍ରୀନିବାସ ମହାନ୍ତି, ଡେପୁଟୀ କଲେକ୍ଟର ଅନନ୍ୟା ସୃଷ୍ଟି ଶତପଥୀ, ନିବେଦିତା ପରିଡ଼ା, ସାରା ମଲ୍ଲିକ, ସ୍ୱିଟି ସୋରେନ, ଶ୍ରୀତପା ମିଶ୍ର, ସଂଗ୍ରାମ ଜେନା, ସୌମ୍ୟା ସାଗରିକା ସ୍ୱାଇଁ, ନିଜାରତ ଅଧିକାରୀ ରିଶବ୍ ତ୍ରିପାଠୀ, ଡି ଇ ଜି ଏମ ମାନସ କୁମାର ବ୍ରହ୍ମା, ସହକାରୀ ନିର୍ଦ୍ଦେଶକା,ଉଦ୍ୟାନ କୃଷି ଶ୍ରେୟା ଶତପଥୀ, ଉପନିର୍ଦ୍ଦେଶକ, କୃଷି, ମନୋରଞ୍ଜନ ମିଶ୍ର,ଡେପୁଟୀ କଲେକ୍ଟର ରଶ୍ମିତା ସାମଲ, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ଅଭିଷେକ ମହାନ୍ତି ଓ ଅନ୍ୟ ଟି ଆର ଓ ମାନେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟାଳୟ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ,ବି ଜେ ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ, ପଂଚାୟତ ରାଜ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ,ଗଣମାଧ୍ୟମ ପ୍ରତିନିଧି ବୃନ୍ଦ, ଅଗ୍ନିଶମ ସେବା ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ସିବଲାଲ ସାହୁ, ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ, ସରୋଜ ମିଶ୍ର, ନିର୍ବାହୀ ଅଧିକାରୀ, ପୌର ପରିଷଦ, କାବେରୀ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ପ୍ରତ୍ୟକ୍ଷତାତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମାପନ କରିଥିଲେ।

# ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀ, ମା' ଭଉଣୀ, ହିତାଧିକାରୀ ଓ ଉଦ୍ୟୋଗୀଙ୍କୁ ଭେଟିଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ



ଦେବଗଡ଼,୧୬/୦୮ (ନି.ପ୍ର): ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଧୀନତା ଦିବସର ପବିତ୍ର ଅବସରରେ ଦେବଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ସହ ପୃଥକ ଭାବେ ଜନସାଧାରଣ, ଜନଜାତି ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମା' ଭଉଣୀ ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ ବାରକୋଟ ଝରବାହାଲ ଏସ.ଏସ.ଡି. ହାଇସ୍କୁଲ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସେଠାରେ ଦେବଗଡ଼, ଅନୁଗୋଳ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ପୌଡ଼ି ଭୂୟାଁ (ପିଭିଟିଜି), ମୁଣ୍ଡା ଓ ଅନ୍ୟ ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କ ଉଚ୍ଚ ଆକାଂକ୍ଷା ଓ ସ୍ୱପ୍ନ ସମ୍ପର୍କରେ ପଚାରି ବୁଝିଥିଲେ। ଦେବଗଡ଼ର ଶିକ୍ଷା ଓ ବିକାଶରେ ସାର୍ ବାସୁଦେବ ସୁଢ଼ଳ ଦେବ ଏବଂ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଅବଦାନକୁ ପ୍ରଶଂସା କରିବା ସହ କହିଥିଲେ, ବୀର ସୁରେନ୍ଦ୍ର ସାଏ, 'ଧରତୀ ଆବା' ଭଗବାନ ବିର୍ସା ମୁଣ୍ଡା, ଜୟୀ ରାଜଗୁରୁ, ଲକ୍ଷ୍ମଣ ନାୟକ, ବକ୍ସି ଜଗବନ୍ଧୁ ଓ ଶହୀଦ ବାଜି ରାଉତଙ୍କ ଭଳି ମହାନ ବୀରମାନଙ୍କ ତ୍ୟାଗ ଓ ବଳିଦାନ ବଳରେ ହିଁ ଆଜି ଭାରତ ସ୍ୱାଧୀନ ହୋଇଛି । ଏହି ସଂଗ୍ରାମୀମାନଙ୍କ ଆଦର୍ଶ ହିଁ ଆମ ନୂତନ ପିଢ଼ିର ମାର୍ଗଦର୍ଶକ ।୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ଆଗାମୀ ୨୦ ବର୍ଷରେ 'ବିକଶିତ ଭାରତ' ଗଠନର ଆହ୍ୱାନକୁ ସାକାର କରିବାରେ ଏହି ଆଦିବାସୀ ମାଟିରୁ ବାହାରୁଥିବା ପ୍ରତିଭାମାନେ ହିଁ ଆଗଧାଡ଼ିର ନେତୃତ୍ୱ ନେବେ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ। ଗସ୍ତ କ୍ରମରେ ଶ୍ରୀ ପ୍ରଧାନ ବାରକୋଟ ବ୍ଲକ ଗୋଲାବନ୍ଧ ଠାରେ 'ଗ୍ରାମ ପଞ୍ଚାୟତ ସୁଭଦ୍ରା ଶକ୍ତି କେନ୍ଦ୍ର'ର ଉଦ୍ ?ଘାଟନ କରିଥିଲେ। ସେଠାରେ ମିଶନ ଶକ୍ତିର ଭଉଣୀ, 'ଲକ୍ଷପତି ଦିଦି', ସୁଭଦ୍ରା ଯୋଜନାର ହିତାଧିକାରୀ, ପିଡିଏସ ଓ ସାମାଜିକ ଭତ୍ତା ପାଉଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ପରେ କେଟେଇସାହି ସ୍ଥିତ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାରେ ପଢୁଥିବା ଶିଶୁ, ସେମାନଙ୍କ ଅଭିଭାବକ ଏବଂ ଅଙ୍ଗନୱାଡ଼ି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏହି ପୌଢ଼ି ଭୂୟାଁ ଶିଶୁମାନଙ୍କୁ ସଠିକ୍ ପୋଷଣ, ଗୁଣାତ୍ମକ ପ୍ରାଥମିକ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ 'ଡବଲ ଇଞ୍ଜିନ' ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । କେହି ଶିଶୁ ଯେପରି ବିକାଶରୁ ବଞ୍ଚିତ ନହୁଅନ୍ତି, ତାହା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ସେହିପରି ଠିଆନାଳ ସିଆରିହୁଳି ଗ୍ରାମର 'ପିଏମ୍ ଜନମନ୍' ଯୋଜନାର ହିତାଧିକାରୀ ସୁକୁଟୁ ପ୍ରଧାନଙ୍କ ଧର୍ମପତ୍ନୀବୁଦ୍ଧେଇ ପ୍ରଧାନଙ୍କୁ ଭେଟି ଯୋଜନାର ସୁଫଳ ସମ୍ପର୍କରେ ପଚାରି ବୁଝିଥିଲେ। ଦେବଗଡ଼ ଗୁରୁସଙ୍ଗ ଠାରେ ବାଉଁଶ ଶିଳ୍ପ ତାଲିମ ନେଉଥିବା ମିଶନ ଶକ୍ତି ଏସଏଚଜିର ମା' ଭଉଣୀମାନଙ୍କୁ ଭେଟି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବାଉଁଶ ସାମଗ୍ରୀଗୁଡ଼ିକୁ ବୃହତ୍ ବଜାର ସହ ଯୋଡ଼ିବା ଓ ଉଚିତ୍ ମୂଲ୍ୟ ଦେବା ନେଇ ଆଲୋଚନା କରିଥିଲେ। ଗସ୍ତର କାଳରେ ଶ୍ରୀ ପ୍ରଧାନ ଗୋପାଳପାଲି ଠାରେ ଯୁବ ଉଦ୍ୟୋଗୀ ସତ୍ୟବ୍ରତ ଜିତ୍ ?ଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ' ଯୋଜନାରେ ପ୍ରତିଷ୍ଠିତ ଟ୍ରାନ୍ସଫର୍ମର ଉତ୍ପାଦନ ୟୁନିଟ୍ 'ସାଇ ଇଲେକ୍ଟ୍ରୋଟେକ୍' ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ର ସହାୟତାରେ ସ୍ଥାପିତ 'ପ୍ରତୀକ୍ଷା ଡାଏରୀ' ପରିଦର୍ଶନ କରିଥିଲେ। ସ୍ଥାନୀୟ ମା' ଓ ଯୁବକମାନଙ୍କୁ ରୋଜଗାର ଯୋଗାଇବା ସହ ଆଞ୍ଚଳିକ ଅର୍ଥନୀତିର ବିକାଶରେ ଏହି ଉଦ୍ୟୋଗୀଙ୍କ ସଫଳ ପ୍ରଚେଷ୍ଟାକୁ ସାଂସଦ ଶ୍ରୀ ପ୍ରଧାନ ଉଚ୍ଚ ପ୍ରଶଂସା କରିଥିଲେ।

## ନୂଆବସ୍ତ୍ର ଉପହାର ଦେଇ ସ୍ୱାଧିନତା ଦିବସ ପାଳିଲେ ପ୍ରାକ୍ତନ ବ୍ଲକ ଉପାଧକ୍ଷ

ଖଇରା,୧୬/୦୮ (ନି.ପ୍ର): ଖଇରା ବ୍ଲକ ଅଧୀନ କୁପାରୀ ହ୍ୟାଲିପ୍ୟାଡ ପଡିଆରେ ପ୍ରତିବର୍ଷ ଭଳି ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ ରାଉତ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରି ସ୍ୱାଧିନତା ଦିବସ ପାଳନ କରିଛନ୍ତି । ଏଥିରେ ପୁର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତ୍ରିରଙ୍ଗା ଉଡାଇବା ଅବସରରେ ଯିଏ ଯେଉଁ କ୍ଷେତ୍ରରେ ଥାଉନା କାହିଁକି ଦେଶସେବା ମୁଳମନ୍ତ୍ର ହେବା ଦରକାର ବୋଲି କହିଥିଲେ । ପରେ ନେତୃବୃନ୍ଦ ୧୬୦ ବୁଢୀବୁଢାଙ୍କୁ ମିଠାଖୁଆଇ ନୂଆବସ୍ତ୍ର ବଣ୍ଟନ କରିଥିଲେ । ପୁର୍ବତନ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ ଓ ସମିତି ସଭ୍ୟା ସୁନିତା ସାହୁ, ଦେବେନ୍ଦ୍ର ଜେନା, ନିଗମାନନ୍ଦ ବେହେରା, ଚକ୍ରଧର ମହାରଣା, ଅବନି ରାଉଳ ତଥା ୱାର୍ଡସଭ୍ୟ ଉପସ୍ଥିତ ଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ: ଦେଶପ୍ରେମ ଓ କର୍ତ୍ତବ୍ୟନିଷ୍ଠାର ବାର୍ତ୍ତା

ବାଲେଶ୍ୱର ,୧୬/୦୮ (ନି.ପ୍ର): ଦେଶପ୍ରେମର ଭାବନା ଓ ଉତ୍ସାହପୂର୍ଣ୍ଣ ପରିବେଶ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଭାରତର ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲାଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଶାନ୍ତିସ୍ଥଳରେ କୁଳପତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ସମସ୍ତଙ୍କ ସମୂହଗାନରେ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ପରିବେଷିତ ହୋଇଥିଲା। ନିଜ ଅଭିଭାଷଣରେ କୁଳପତି କହିଥିଲେ ଯେ ସମୟନିଷ୍ଠା, କର୍ତ୍ତବ୍ୟପରାୟଣତା, ଶୃଙ୍ଖଳା ଓ ପରସ୍ପର ସହଯୋଗ ମାଧ୍ୟମରେ ଶିକ୍ଷାନୁଷ୍ଠାନମାନଙ୍କର ଗୌରବକୁ ଆହୁରି ବୃଦ୍ଧି କରାଯାଇପାରିବ। ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରିବା ଦିଗରେ ସମସ୍ତେ ନିଷ୍ଠାର ସହ ନିଜ ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ତୁଲାଇବାକୁ ସେ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାଙ୍କ ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଉତ୍ସବକୁ ଆହୁରି ମନୋଜ୍ଞ କରିପାରିଥିଲା।



# ଭୁଲି ହେଉନାହିଁ 'ଦିଲି ଚଲୋ'ର ଡ଼ାକରା : ହରେନ ପଟ୍ଟନାୟକ

ଉଦଳା ,୧୬/୦୮ (ନି.ପ୍ର): ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଇନରହୁଇଲ କ୍ଲବ ତରଫରୁ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । କ୍ଲବର ସଭାପତି ମମତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପତାକା ଉତୋଳନ, ଜାତୀୟ ସଂଗୀତ ପରିବେଷଣ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ କ୍ଲବର ସମସ୍ତ ସଦସ୍ୟା ଉତ୍ସବ ସ୍ଥଳରେ ଏକତ୍ରିତ ହେବା ପରେ ଅତିଥି ଭାବରେ ଯୋଗ ଦେଇଥିବା ଅବସର ପ୍ରାପ୍ତ ସୈନିକ ହରେନ ପଟ୍ଟନାୟକଙ୍କୁ ପତାକା ଉତୋଳନ ପାଇଁ କ୍ଲବ ତରଫରୁ ଆମନ୍ତ୍ରଣ କରାଯାଇଥିଲା । ଜାତୀୟ ପତାକା ଉତୋଳନ ପରେ ସମସ୍ତେ ଏକସ୍ୱରରେ ଜାତୀୟ ସଂଗୀତ ବୋଲିଥିଲେ ।



ପରେ 'ଭାରତ ମାତାକି ଜୟ', 'ବନ୍ଦେ ମାତରମ୍' ଇତ୍ୟାଦି ସ୍ଲୋଗାନ ଦେଇଥିଲେ । ଏହି ଅବସରରେ ହରେନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଦେଶକୁ ସ୍ୱାଧିନ କରିବା ପାଇଁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଡ଼ାକରା 'ଦିଲ୍ଲୀ ଚଲୋ' ଆଦୌ ଭୁଲି ହେଉନାହିଁ ବୋଲି କହିଥିଲେ । ସେହିପରି 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି'ର ବାର୍ତା ଆଜିବି ଯୁବକ ମାନଙ୍କ ମନରେ ଖେଳାଇ ଦେଉଛି ଭିନ୍ନ ସ୍ୱାଦର ଉତ୍ସାହ । ଏହିଭଳି ଜଣେ ମହାନ ଦେଶ ଭକ୍ତଙ୍କର ଜନ୍ମ ଓଡ଼ିଶା ମାଟିରେ ହୋଇଥିବାରୁ ଆମେ ଓଡ଼ିଆ ମାନେ ନିଜକୁ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ପରେ ଆୟୋଜିତ ଆଲୋଚନା ଚକ୍ରରେ କ୍ଲବର ପୁର୍ବତନ ସଭାପତି ଗୀତାଶ୍ରୀ ରାୟ ଅଧକ୍ଷତା କରି ମହାତ୍ମା ଗାନ୍ଧିଙ୍କ ଅହିଂସା ମନ୍ତ୍ରର ପ୍ରଭାବ ସାଙ୍ଗକୁ ଅସହଯୋଗ ଆନ୍ଦୋଳନ ଇଂରେଜ ସରକାରଙ୍କ ଉପରେ କିପରି ଚାପ ସୃଷ୍ଟି କରିଥିଲା ଓ ଶେଷରେ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମମତା ମହାନ୍ତି, ପୁଷ୍ପଲତା ପଣ୍ଡା, ଅନୁପମା ପଣ୍ଡା, ଅରୁପମା ମହାପାତ୍ର, ପ୍ରମୋଦିନି ମହାପାତ୍ର, ମିନାକ୍ଷୀ ମହାନ୍ତି, ସୁବାସିନି ବେହେରା ଓ ଅତିଥି ଜୟଗୋପାଲ ରାୟ ପ୍ରମୁଖ ଅଂଶ ଗ୍ରହଣ କରି ମହାତ୍ମା ଗାନ୍ଧିଙ୍କ ଲବଣ ସତ୍ୟାଗ୍ରହ ଆନେନ୍ଦାଳନକୁ ସଫଳ କରିବା ପାଇଁ ସମଗ୍ର ଭାରତବର୍ଷର ମହିଳା ମାନେ କିପରି ଭୂମିକା ନେଇଥିଲେ ଆଲୋକପାତ କରିଥିଲେ । ଜୟନ୍ତି ପଟ୍ଟନାୟକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହ ଚାଲିଥିବା ଆଲୋଚନା ଚକ୍ରର ଯବନିକା ପକାଇଥିଲେ ।

## ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବସ୍ତା ,୧୬/୦୮ (ନି.ପ୍ର): ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ବସ୍ତା ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ତରଫରୁ ଆୟୋଜିତ ସଭାକୁ ପୂର୍ବତନ ସମିତି ସଦସ୍ୟ ରାଧେଶ୍ୟାମ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଶ୍ୟାମାପ୍ରସାଦ ବେହେରାଙ୍କ ବାଜପେୟୀଙ୍କ ସହ ତାଙ୍କର ବ୍ୟକ୍ତିଗତ ଆଲୋଚନା ଓ ତାଙ୍କର ବହୁମୂଖୀ ପ୍ରତିଭାର ବର୍ଣ୍ଣନା କରିଥିଲେ। ସ୍ମୃତି କମିଟିର ସମ୍ପାଦକ ଧିରେନ କୁମାର ସେଠୀ ମଞ୍ଚ ଆହ୍ୱାନ ସହ ସମସ୍ତ କାର୍ଯ୍ୟକ୍ରମ କୁ



ପରିଚାଳନା କରିଥିଲେ ।ସଭା ଆରମ୍ଭରେ ବାଜପେୟୀଙ୍କ ଫଟୋଚିତ୍ର ରେ ସମସ୍ତେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ବାଜପେୟୀଙ୍କ ବିଦେଶ ନୀତି, କବିତ୍ୱ ପ୍ରତିଭା, ବିକାଶ ମୂଳକ ଯୋଜନା ଓ ରକ୍ଷା ନୀତି ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ସଭାରେ ଆସନ୍ତା ଡ଼ିସେମ୍ବର ୨୫ ତାରିଖ ବାଜପେୟୀଙ୍କ ଜନ୍ମଦିନରେ ବସ୍ତା ଛକରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବାର ନିଷ୍ପତ୍ତି ହେଲା। ଅନ୍ୟମାନଙ୍କ ମଧ୍ୟରେ ଶିବାନନ୍ଦ ଦାସ, ପ୍ରକାଶ କୁଣ୍ଡୁ, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ଗୋକୁଳ ଜେନା, ନୀହାର ବେହେରା, ନରେନ୍ଦ୍ର ସେଠୀ,ଦିବାକର ରାଉତ, ରାସ ବିହାରୀ ଦାସ ଅଧିକାରୀ, ଭାଗିରଥି ନାୟକ, ଦିଲ୍ଲୀପ ପଣ୍ଡା, ରବି ରାଉଳ, ଦୀନକୃଷ୍ଣ ବେହେରା ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିବା ସହ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ କରିଥିଲେ।

# ସାଇବର୍ ଅପରାଧ ବିରୋଧରେ କ୍ରାଇମବ୍ରାଞ୍ଚର ସଚେତନତା: ଅନଲାଇନ୍‌ରେ ଯୋଡ଼ିହେଲେ ୨୨ହଜାର ଶିକ୍ଷାନୁଷ୍ଠାନର ୪୦ ଲକ୍ଷ ଛାତ୍ରଛାତ୍ରୀ

କଟକ,୧୬/୦୮ (ନି.ପ୍ର): ରାଜ୍ୟରେ ବଢୁଥିବା ସାଇବର୍ ଅପରାଧ ରୋକିବାକୁ କ୍ରାଇମବ୍ରାଞ୍ଚ ଏକକାଳୀନ ରାଜ୍ୟର ୪୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଭିଡିଓ କନଫରେନ୍ସିରେ ଯୋଡ଼ିଛି, ଯାହା ଏକ ମାଇଲ୍‌ଖୁଣ୍ଟ ବୋଲି କ୍ରାଇମ୍‌ବ୍ରାଞ୍ଚ ଦର୍ଶାଇଛି। ସାଇବର ଅପରାଧରୁ କିଭଳି ମୁକୁଳିପାରିବେ, ସେ ନେଇ ଆଜିର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ, ଅଭିଭାବକ ଓ ପୁଲିସ କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଅଭିଯାନରେ ରାବଜ୍ୟର ୩୫ଟି ପୁଲିସ ଜିଲ୍ଲା ଅନ୍ତର୍ଗତ ୨୦ ହଜାରରୁ ଅଧିକ ବିଦ୍ୟାଳୟ ଏବଂ ୨ ହଜାରରୁ ଅଧିକ ମହାବିଦ୍ୟାଳୟ ଲାଇଭ୍ ୱେବ୍‌କାଷ୍ଟ ଓ ଭିଡିଓ କନଫରେନ୍ସିଂରେ ସାମିଲ ହୋଇଥିଲେ। ଏହି ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ନେଇ ସଚେତନ ଓ ସତର୍କ ରହିବା ପାଇଁ ବାର୍ତ୍ତା ଦେଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର-ସୁରକ୍ଷିତ ଓଡ଼ିଶା ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ନିଜ ପରିବାର, ବନ୍ଧୁବର୍ଗ ଓ ସମାଜରେ ସାଇବର ସଚେତନତାର ଦୂତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସାଇବର ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନକରି ତୁରନ୍ତ ୧୯୩୦ ନମ୍ବରରେ ଯୋଗାଯୋଗ କରିବା ସହ cybercrime.gov.in ପୋର୍ଟାଲରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ କିମ୍ବା ପୁଲିସ ଅଧିକାରୀ ଓଟିପି, ପିନ୍, ସିଭିଭି କିମ୍ବା ପାସ୍‌ୱାର୍ଡ ମାଗନ୍ତି ନାହିଁ। ତେଣୁ ଏଭଳି ସୂଚନା କେବେ ବି କାହା ସହିତ ସେୟାର ନକରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି 'ଡିଜିଟାଲ୍ ଗିରଫଦାରୀ' ନାଁରେ କେହି ଟଙ୍କା ଦାବି କଲେ ତାହା ଠକେଇ ବୋଲି ବିବେଚନା କରିବା ସହିତ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିସନର ତଥା ସଚିବ ଡ.ଏନ୍.ତିରୁମାଲା ନାଏକ, କ୍ରାଇମବ୍ରାଞ୍ଚ ଡିଆଇଜି ବି.ଗଙ୍ଗାଧର, କ୍ରାଇମବ୍ରାଞ୍ଚ ଡିଆଇଜି ମଡକର ସନ୍ଦୀପ ସମ୍ପତଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ, ଶିକ୍ଷା ବିଭାଗ ଅଧିକାରୀ ଏବଂ ବିଭିନ୍ନ ଜିଲ୍ଲାର ପୁଲିସ ଓ ଶିକ୍ଷା ପ୍ରଶାସନର ପ୍ରତିନିଧି ଉପସ୍ଥିତ ଥିଲେ।



## ଟାଇପ୍ ୧ ମଧୁମେହ ରୋଗୀଙ୍କ ଖାଦ୍ୟ

ଆଜିକାଲି କିଶୋର-କିଶୋରୀ ମଧ୍ୟ ମଧୁମେହର ଶିକାର ହେଉଛନ୍ତି, ଯାହାକୁ କୁହାଯାଉଛି ଟାଇପ ୧ ଡାଇବେଟିସ୍। ଏଭଳି ରୋଗୀ ଖାଦ୍ୟ ବାବଦରେ ସଚେତନ ହେବା ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏପରି ଖାଦ୍ୟ ଖାଇବା, ଯାହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଅଧିକ ବଢ଼ିବନାହିଁ ବା କମିବନାହିଁ। ଅର୍ଥାତ୍, ଠିକ୍ ଯେତିକି ଦରକାର, ସେତିକି ଶ୍ୱେତସାର ଖାଇବା।

- ତିନିଟି ମୁଖ୍ୟ ଭୋଜନ ବଦଳରେ ଛଅଥର ଅଳ୍ପ ଅଳ୍ପ ଖାଇବା ଉଚିତ। ଏହାଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ।




କେବେ ହେଲେ ଖାଲି ପେଟରେ ରହିବା ନାହିଁ। ଏହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଖସି ଯାଇପାରେ। ତାହା ପରେ ଅଧିକ ଖାଇଦେଲେ, ବିରପୀତ ଘଟେ। ଅଧିକାଂଶ ନଟସ ସ୍ୱାସ୍ଥ୍ୟ ପାଇଁ ହିତକାରୀ। ତେବେ, ଟାଇପ ୧ ମଧୁମେହ ଭୋଗୁଥିଲେ, ଅଧିକ ଖାଇବା ଅନୁଚିତ। ଏହା ମୋଟା କରିପାରେ। ସର୍ବଦା ଅଟା ରୁଟଣି ଖାଇବା ଉଚିତ। ଅଟା ତିଆରି ପାଉଁରୁଟି, ନୁଡଲସ, ପାସ୍ତା ଖିଆ ଯାଇପାରେ। ଆକାଣ୍ଡିଆ ଚାଉଳ ସବୁଠାରୁ ନିରାପଦ। ଏସବୁ ଶ୍ୱେତସାର ଆବଶ୍ୟକତା ପୂରଣ କରନ୍ତି। ଚୋପା ଥିବା ମୁଗଡାଲି, କଳା ମସୁରଡାଲି ଉତ୍ତମ। ନିୟମିତ ପାଳଙ୍ଗ, ବ୍ରୋକୋଲି, ବନ୍ଧାକୋବି, ଫୁଲକୋବି, ଗାଜର, କାକୁଡ଼ି ଓ ଟମାଟୋ ଖାଆନ୍ତୁ। ଆଳୁ, କଞ୍ଚା କଦଳୀ ଓ କନ୍ଦମୂଳଖାଆନ୍ତୁ ନାହିଁ। ମିଠାଫଳ-ମୂଳ, ଜାମ-ଜେଲି, ମୃଦୁ ପାନୀୟ ମଇଦା ତିଆରି ଖାଦ୍ୟ ସଂପୂର୍ଣ୍ଣ ବର୍ଜନୀୟ।

## ମାଛ, ମାଂସ ନଖାଇ ସୁସ୍ଥ ରହିବାକୁ ଚାହୁଁଛନ୍ତି କି ? ଯଦି ହଁ, ଆପଣାନ୍ତୁ ଏହି ଉପାୟ...

**ଦିନକୁ ଦିନ ଲୋକଙ୍କର ଓଜନ ବଢୁଛି । ଏଥିପାଇଁ ଅନେକ ରୋଗରେ ପୀଡିତ ହେଉଛନ୍ତି ଲୋକେ। ଖାସ୍ ଏଥିପାଇଁ ହିଁ ଶାକାହାରୀ ଖାଦ୍ୟ ପ୍ରତି ଆକର୍ଷିତ ହେଉଛନ୍ତି । କିନ୍ତୁ ଯଦି ମାଂସ, ମାଛ ଏବଂ ଅଣ୍ଡା ଭଳି ଜିନିଷ ଖାଇବା ବନ୍ଦ କରି ଦିଅନ୍ତି, ତେବେ ଶରୀରକୁ ପ୍ରୋଟିନ୍ କେଉଁଠୁ ମିଳିବ । ଏ ପ୍ରଶ୍ନ ସମସ୍ତଙ୍କ ମନରେ ନିଶ୍ଚୟ ଆସୁଥିବ । କିନ୍ତୁ ଏପରି କିଛି ଶାକାହାରୀ ଖାଦ୍ୟ ରହିଛି ଯାହା ଶରୀରକୁ ପ୍ରଚୁର ପରିମାଣରେ ପ୍ରୋଟିନ୍ ? ଯୋଗାଇବ । ଆସନ୍ତୁ ଜାଣିବା...**

୧. ଡାଲି: ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ଭାବରେ ବିବେଚନା କରାଯାଏ । ଏହାର ପ୍ରତିକପ୍ ପିଛା ଡାଲିରେ ମିଳିଥାଏ ୧୮ ଗ୍ରାମର ପ୍ରୋଟିନ୍ । ଏହାକୁ ବିଭିନ୍ନ ଉପାୟରେ ଖିଆ ଯାଇପାରେ । ଯେପରିକି ସୁପ୍, ସାଲାଡରେ ମଧ ଏହାକୁ ମାଂସ ବଦଳରେ ଖାଇପାରିବେ ।

୨. ସୋୟାବିନ୍: ସୋୟାବିନ ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ । ସାଧାରଣତଃ ଲୋକମାନେ ଏହାକୁ ତରକାରୀ କରି ଖାଇବାକୁ ପସନ୍ଦ କରନ୍ତି । ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । ଯଦି ଆପଣ ଏହାକୁ ନିୟମିତ ଖାଆନ୍ତି ତେବେ ଶରୀରରେ ପ୍ରୋଟିନର ଅଭାବ ରହିବନି।

୩. କ୍ୱିନୋଆ: କ୍ୱିନୋଆ ଏକ ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଭାବେ ପରିଚିତ । ଏହି ଖାଦ୍ୟରେ ସମସ୍ତ ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଏହି ଖାଦ୍ୟରେ ମିଳିଥାଏ । ରାନ୍ଧିବା ସମୟରେ ଏହା କପ୍ ପିଛା ପ୍ରାୟ ୮ ଗ୍ରାମ ପ୍ରୋଟିନ୍ ଯୋଗାଇଥାଏ । ତେଣୁ ଅଧିକାଂଶ ଡାଏଟିସିଆନ୍ ଏହାକୁ ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦିଅନ୍ତି ।

୪. ଟୋଫୁ: ଟୋଫୁ ହେଉଛି ଏକ ସୋୟାବିନ୍ ଭିତ୍ତିକ ଖାଦ୍ୟ ପଦାର୍ଥ । ଯାହା ପ୍ରୋଟିନରେ ଭରପୂର ଅଟେ । ଯଦି ଆପଣ ଅଧା କପ୍ ଟୋଫୁ ଖାଆନ୍ତି, ତେବେ ଆପଣଙ୍କ ଶରୀରକୁ ପ୍ରାୟ




୧୫ ଗ୍ରାମ ପ୍ରୋଟିନ୍ ମିଳିବ । ଏହା ପନିର ପରି ଦେଖାଯାଏ, ଯଦିଓ ଏହା ଭିନ୍ନ ଅଟେ । ଆପଣ ଏହାକୁ ଅନେକ ଉପାୟରେ ରାନ୍ଧି ଖାଇପାରିବେ । ଏହାର ସ୍ୱାଦ ମଧ ଖୁବ୍ ଉତ୍କୃଷ୍ଟ ।

୫. ଗ୍ରୀକ୍ ଦହି: ଏହା ସେହି ବ୍ୟକ୍ତିଙ୍କ ପାଇଁ ଯେଉଁମାନେ କି ଦୁଗ୍ଧଜାତ ଦ୍ରବ୍ୟକୁ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି । ଗ୍ରୀକ୍ ଦହି ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଅଟେ । ଯାହାର ପ୍ରତି ୬ଅଂଶରେ ଯୋଗାଇଥାଏ ୧୦ ଗ୍ରାମର ପ୍ରୋଟିନ୍ । ଏହା ପ୍ରୋବାୟୋଟିକ୍ସରେ ମଧ ଭରପୂର ଅଟେ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖେ ।

## ଖାଇବା-ଶୋଇବାରେ ବ୍ୟବଧାନ ନ ରହିଲେ କର୍କଟ ଆଶଙ୍କା

ଖାଇବା ଓ ଶୋଇବାରେ କେତେକ ନୀତିନିୟମ ରହିଛି। ଏହାକୁ ଅନେକ ଅଣଦେଖା କରିଥାନ୍ତି। ରାତିରେ ଖାଇବା ପରେ ପରେ ଅନେକ ବିଛଣା ଧରନ୍ତି। ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଠିକ୍ ନୁହେଁ। ନିକଟରେ ବାର୍ସିଲୋନା ଇନ୍ଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ ହେଲ୍ଥର ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ରାତିରେ ଖାଇବା ଓ ଶୋଇବା ମଧ୍ୟରେ ପାଖାପାଖୀ ଦୁଇଘଣ୍ଟା ବ୍ୟବଧାନ ରଖୀବା ଆବଶ୍ୟକ। ଏପରି ନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ଆଉ ଯେଉଁମାନେ ଉପରୋକ୍ତ ନିୟମ ମାନି ଚଳିଥାନ୍ତି, ସେମାନଙ୍କ ତୁଳନାରେ ଏହି ନିୟମ ନ ମାନୁଥିବା ବ୍ୟକ୍ତିଙ୍କ ଠାରେ କର୍କଟ ହେବାର ଆଶଙ୍କା ୨୫ ପ୍ରତିଶତ ଅଧିକ ରହିଥାଏ। କେବଳ ସେତିକି ନୁହେଁ, ଏହା ସେମାନଙ୍କ ଭୋକ ଏବଂ ନିଦ ଉପରେ ମଧ ପ୍ରଭାବ ପକାଇଥାଏ। ଏହି ଅଧ୍ୟୟନରେ କର୍କଟ ପୀଡ଼ିତ ୬୦୦ରୁ ଅଧିକ ପୁରୁଷ ଏବଂ ୧,୨୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସାମିଲ କରାଯାଇଥିଲା। ପୀଡ଼ିତ ଲୋକଙ୍କ ମଧ୍ୟରୁ କେହି ଜଣେ ବି ନାଇଟ୍ ସିଫ୍ଟ କରି ନଥିଲେ। ବରଂ ଏମାନେ ରାତିରେ ଖାଦ୍ୟ ଖାଇବା ପରେପରେ ଶୋଇଥିବାରୁ କର୍କଟରେ ପୀଡ଼ିତ ହୋଇଥିବା କଥା ଅଧ୍ୟୟନରେ କୁହାଯାଇଛି।



## ନିରାଶାରୁ ବର୍ତ୍ତିବାର ଉପାୟ



ଜୀବନରେ ଯଦି କେବେ ନିରାଶା ଆସେ ତେବେ ଧୈର୍ଯ୍ୟ ହରାନ୍ତୁ ନାହିଁ ବରହ ସେତିକିବେଳେ ଏମିତି ଏକ କ୍ଷଣକୁ ମନେ ପକାନ୍ତୁ ଯେତେବେଳେ ଆପଣ କିଛି ବଡ଼ କାମ କରିଥିଲେ। ଯାହା ଅନ୍ୟର ମଙ୍ଗଳ ପାଇଁ କାମରେ ଲାଗିଥିଲା ଏବଂ ଏଥିପାଇଁ ଆପଣଙ୍କୁ ମିଳିଥିଲା ଅନେକ ପ୍ରଂଶସା। କାରଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି ଏକ ସମୟ ଆସିଥାଏ ଯାହାକୁ ନେଇ ସେ ସବୁଠାରୁ ଅଧିକ ଖୁସି ହୋଇଥାଏ। ଏମିତି କ୍ଷଣକୁ ମନେ ପକାଇବା ଦ୍ୱାରା ମନ-ମସ୍ତିଷ୍କରୁ କଷ୍ଟଦାୟକ ବୋଝ ହାଲ୍କା ହୋଇ ଯାଇଥାଏ। ଏହା ସମ୍ମୁଖରେ ଥିବା ବଡ଼ ସମସ୍ୟାକୁ ଲଢ଼ିବାରେ ସହାୟ ହୋଇଥାଏ। ଯଦି ଏସବୁ ସତ୍ୱେ ମଧ୍ୟ ମନ ନିରାଶାରେ ଛାଇ ରହିଥାଏ, ତେବେ କୌଣସି ନୂତନ ରାସ୍ତାର ସନ୍ଧାନରେ ଲାଗି ପଡନ୍ତୁ। ଯଦି ଏହି ସମୟରେ ଖାଲି ବସିପଡନ୍ତି, ତେବେ ମନ ଅଧିକ ବୋଝ ଲଦିହେଲା ପରି ମନେ ହୁଏ। ଏଥିପାଇଁ ନିଜକୁ କୌଣସି ନା କୌଣସି ଛୋଟ ବଡ଼ କାମରେ ନିମଗ୍ନ ରଖନ୍ତୁ। ତେଣୁ ପ୍ରତିଦିନ ପ୍ରାତଃ ସମୟରେ ଉଠି ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ। ଏହାଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରହେ ତାହା ନୁହେଁ ବରଂ ମାନସିକ ସ୍ତରରେ ବେଶ୍ ଆରାମ ଅନୁଭୂତ ହୁଏ। ଚାହିଁଲେ ଭଲ ସାହିତ୍ୟ ପୁସ୍ତକ, କବତା, ଗଳ୍ପ କିମ୍ବା ଉପନ୍ୟାସ ପଢ଼ିପାରିବେ। ଆଶା ଏବଂ ନିରାଶା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ମଣିଷ ପରି ପଶୁ ମନରେ ବି ନିରାଶ ପଣ ଦେଖିବାକୁ ମିଳେ। ହେଲେ ମଣିଷ ଏବଂ ପଶୁ ମଧ୍ୟରେ ଥାଏ ଗୋଟିଏ ତଫାତ୍। ପଶୁ ନିରାଶା ହେଲେ କିଛି ନ କର ବସିପଡେ କିମ୍ୱା ଶୋଇପଡେ। ହେଲେ ମନୁଷ୍ୟ, ନିରାଶରେ ଆଗକୁ ବଢ଼ିବାର ସାହସ ସଂଚୟ କରେ। ଏହାର ପରିଣାମ ସ୍ୱରୂପ ଆଜ ମନୁଷ୍ୟ ସମସ୍ତ ଜୀବଜନ୍ତୁ ପ୍ରାଣୀକୁ ନିଜ ବଶରେ



କରିବାର କ୍ଷମତା ରଖିଛି। ତେଣୁ ଜୀବନରେ ଅନେକ ବଡ଼ ବଡ଼ ଦୁର୍ଘଟଣା ବା ସମସ୍ୟା ଆସି ଠିଆ ହେବ। ତା' ମାନେ ନୁହେଁ କି ତାକୁ ଡରି ପଛଘୁଞ୍ଚା ଦେବ। ବରଂ ଚେଷ୍ଟା ଦ୍ୱାରା ତାକୁ ଲଢ଼ିବା ଶିଖିବା ଦରକାର। ଯଦି ଏଥିରେ ଅସଫଳ ହେଉଛନ୍ତି, ତେବେ ଭାଙ୍ଗିନପଡ଼ି ସେହି ନିରାଶା ମଧ୍ୟରେ ଆଶାର ସଞ୍ଚାର କରନ୍ତୁ।

## ସ୍ୱାସ୍ଥ୍ୟର ଗନ୍ତାଘର ଧନିଆଁ : ଅନ୍ତ ରଖିବ ସ୍ୱଚ୍ଛ, ଦେହକୁ କରିବ ସୁସ୍ଥ

ଧନିଆଁକୁ ପ୍ରତିଦିନ ସେବନ କଲେ ଶରୀର ଉପରେ ପଡ଼ିଥାଏ ଚମତ୍କାର ପ୍ରଭାବ । ଏଭଳି ୩ ଟି ସହଜ ତରିକା ଯେମିତି ଧନିଆକୁ ଖାଇଲେ ପୂରା ଶରୀରରେ ଏହାର ସଫଳ ଦେଖାଯିବ । ଧନିଆର ଛୋଟ ଛୋଟ ଦାନା ସୁସ୍ଥ ଶରୀରର ଗନ୍ତାଘର , ଯାହା ଆପଣଙ୍କ ହଜମ ପ୍ରକିୟାଠାରୁ ନେଇ ବ୍ଲଡ ସୁଗାର କଣ୍ଟ୍ରୋଲ କରିବା ନେଇ ସବୁ କାମରେ ଫାଇଦା ଦେବ । କିନ୍ତୁ ଏଥିରା ଫାଇଦା କିପରି ଏହା ଧନିଅରାକୁ ବ୍ୟବହାର କରିବାର ତରିକା ଉପରେ ନିର୍ଭର କରେ । ଧନିଆଁକୁ ଆପଣ ପାଣିରେ ଭିଜାଇ ସେ ପାଣିକୁ ପିଇପାରିବେ । ନହେଲେ ଏହାକୁ ପାଉଡର କରି ସେବନ କରିପାରିବେ । ସବୁଠୁ ବଡ଼ କଥା ହେଲା ଧନିଆକୁ ଭିନ୍ନ ଭିନ୍ନ ତରିକାରେ ସେବନ କରିବାର ପରିଣାମ ବି ଅଲଗା ଅଲଗା । ଏହାକୁ ମୁଖ୍ୟତଃ ୩ ଟି ଉପାୟରେ ସେବନ କରିପାରିବା । ସବୁଠୁ ପ୍ରଥମ ତରିକା ହେଉଛି ଧନିଆକୁ ପାଣିରେ ଭିଜାଇ ଏହାର ପାଣି ପିଇବା । ଧନିଆ ପାଣି ପିଇବା ଦେହ ପାଇଁ ବହୁତ ଭଲ ।ହେଲେ ଏହି ପାଣି ପିଇଲେ କି କି ଲାଭ ମିଳେ ଏବଂ ଏହା କେଉଁମାନଙ୍କ ପାଇଁ ଭଲ ତାହା ବି ଜାଣିବା ଜରୁରି । ଧନିଆ ପାଣିକୁ ପ୍ରତିଦିନ ପିଇଲେ ହଜମ ଶକ୍ତି ଠିକ୍ ରୁହେ । ଏହି ପାଣି ହଜମ କ୍ରିୟାକୁ ତ୍ୱରାନ୍ୱିତ କରେ ଶରୀରକୁ ଡିଟକ୍ସ କରିଥାଏ । ଫଳରେ ଏସିଡିଟି ସମସ୍ୟା ରୁହେନାହିଁ । ଯଦି କାହାର ପେଟ ଭାରି



ଲାଗୁଥାଏ ତାହେଲେ ଧନିଆ ଭିଜା ପାଣିକୁ ପିଇବା ଦ୍ୱାରା ହାଲକା ଅନୁଭୂତ ହୁଏ । ଏହାବ୍ୟତୀତ ଯେଉଁମାନଙ୍କର ଡାଏବେଟିସ୍ ରହିଛି ସେମାନେ ମଧ ଏହି ପାଣିକୁ ନିୟମିତ ପିଇଲେ ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରୁହେ । ଦ୍ୱିତୀୟ ତରିକା ହେଉଛି ଧନିଆକୁ ଚା' କରି ପିଇବା । ଧନଆ ଦାନାର ଚା' ପିଇବା ବିଶେଷ କରି Arthrites ସମସ୍ୟା ଭୋଗୁଥିବା ଲୋକଙ୍କ ପାଁ ବେଶ୍ ଉପକାରୀ । ଧନିଆ ଚା'କୁ ନିୟମିତ ପିଇଲେ ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳେ। ଏହାସହ ମହିଳାମାନଙ୍କର ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣା ବି ଲାଘବ ହୁଏ। ଏହି ଚା' ପିଇବାର ଆଉ ଏକ ବଡ଼ ଉପକାର ରହିଛି । ଏହାଦ୍ୱାରା ମହିଳମାନଙ୍କଠାରେ ଦେଖାଯାଉଥିବା ଥାଇରଏଡ୍ ସମସ୍ୟା ଦୂରେଇଯାଏ । ଏହାକୁ ବନାଇବାକୁ ଦେଢ କମପ ପାଣିରେ ଏକ ଚାମଚ ଧନିଆ ପକାଇ ଫୁଟାନ୍ତୁ। ପାଣି ଫୁଟି ହାଲକା ଲାଲ୍ ରଙ୍ଗର ଦେଖାଗଲେ ଏହାକୁ ଉଷୁମ ଉଷୁମ ପିଅନ୍ତୁ । ତୃତୀୟ ତରିକା ହେଉଛି ଧନିଆକୁ ପାଡର କରି ସେବନ କରିବା।

## ଧନବୃଦ୍ଧି ପାଇଁ ଉତ୍ତର ଦିଗ ସମ୍ପର୍କିତ ବାସ୍ତୁ ଟିପ୍ସ

**ବାସ୍ତୁଶାସ୍ତ୍ରରେ ପ୍ରତ୍ୟେକ ଦିଗର ଭିନ୍ନ ମହତ୍ତ୍ୱ ଓ ଗୁରୁତ୍ୱ ଅଛି। ଏହି ଧାରାରେ ଧନର ଦେବତା କୁବେରଙ୍କୁ ଉତ୍ତର ଦିଗର ସ୍ୱାମୀ ବୋଲି କୁହଯାଏ। ତେଣୁ ଉତ୍ତର ଦିଗ ହେଉଛି ଧନଦାୟକ। ଧନଲାଭ ପାଇଁ ଘରର ଉତ୍ତର ଦିଗ ସମ୍ପର୍କିତ କିଛି ବାସ୍ତୁ ନିୟମକୁ ମାନିବା ଉଚିତ। ଯଥା –**

ଘରର ଉତ୍ତର ଦିଗ କାନ୍ଥରେ ସବବୁେଳେ ହାଲୁକା ନୀଳ ରଙ୍ଗ ବ୍ୟବହାର କରିବା ଉଚିତ। ଉତ୍ତର ଦିଗରେ ଆଇନା ଲଗାଇବା ଶୁଭ ଅଟେ। ଉତ୍ତର ଦିଗର କୌଣସି କୋଣ ଭଙ୍ଗା ବା କଟା ହୋଇଥିବା ଉଚିତ ନୁହେଁ। କାନ୍ଥରେ ଫାଟ ପଡ଼ିବା ମଧ ଉଚିତ ନୁହେଁ। ବାସ୍ତୁ ଅନୁଯାୟୀ, ଘରର ଉତ୍ତର ଦିଗରେ ତୁଳସୀ ଗଛ ଲଗାଇବା ଅତ୍ୟନ୍ତ ଲାଭଦାୟକ। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ସହିତ ସୁଖସମୃଦ୍ଧି ଆସିଥାଏ। ତୁଳସୀ ପୂଜନ ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିଥାଏ। ଆଲମାରୀ ବା ଟଙ୍କାପଇସା ରଖୁଥିବା ବକ୍ସକୁ ଦକ୍ଷିଣ କାନ୍ଥ ପାଖରେ ରଖୀବା ଦରକାର, ଯେପରିକି ଏହାର ମୁହଁ ଉତ୍ତର ଦିଗ ଆଡ଼କୁ ଖୋଲୁଥିବ। ଏଭଳି କରିବା ଦ୍ୱାରା ଘରେ କେବେ ମଧ ଅର୍ଥର ଅଭାବ ରୁହେ ନାହିଁ। ଧନବୃଦ୍ଧି ପାଇଁ ଘରର ଉତ୍ତର ଦିଗରେ ଧାତୁ ନିର୍ମିତ କଇଁଛ ରଖୀବା ଶୁଭ ବୋଲି କୁହାଯାଏ। ଧ୍ୟାନ



ରଖନ୍ତୁ କଇଁଛର ମୁହଁ ଘର ଭିତରକୁ ରହିବା ଉଚିତ।

# ବୈଷ୍ଣୋ ଦେବୀ ମେଡିକାଲ କଲେଜ ବିବାଦ

ଭାରତରେ ଶିକ୍ଷା, ଧର୍ମ ଏବଂ ରାଜନୀତିର ଏକତ୍ରୀକରଣ ବର୍ତ୍ତମାନ ଏକ ବିପଜ୍ଜନକ ମୋଡ଼ ନେଇଛି । ନିକଟରେ ଜାମ୍ମୁ ଓ କାଶ୍ମୀରର କାଟ୍ରା ସ୍ଥିତ ଶ୍ରୀ ମାତା ବୈଷ୍ଣୋ ଦେବୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଏକ୍ସଲେନ୍ସ (ଏସଏମଭିଡିଆଇଏମଇ)ର ଏମବିବିଏସ ପାଠ୍ୟକ୍ରମ ପାଇଁ ଥିବା ଅନୁମତିକୁ ନ୍ୟାସନାଲ୍ ମେଡିକାଲ୍ କମିଶନ୍ (ଏନଏମସି) ଦ୍ୱାରା ପ୍ରତ୍ୟାହାର କରାଯିବା ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ଡାକ୍ତରୀ ମହାବିଦ୍ୟାଳୟଟିକୁ ଚିକିତ୍ସା ଶିକ୍ଷାର ବିକାଶ ପାଇଁ ପ୍ରତିଷ୍ଠା କରାଯାଇଥିଲା, କିନ୍ତୁ କେବଳ ମେରିଟ୍ ବା ଯୋଗ୍ୟତା ଭିତ୍ତିରେ ନାମ ଲେଖାଇଥିବା ଅଧିକାଂଶ ଛାତ୍ରଛାତ୍ରୀ ମୁସଲମାନ ସମ୍ପ୍ରଦାୟର ହୋଇଥିବାରୁ ଏହା ସାମ୍ପ୍ରଦାୟିକ ରାଜନୀତିର ଶିକାର ହେଲା । ଏହି ଘଟଣା କେବଳ ଶିକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ, ବରଂ ଦେଶର ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଏକ ବଡ଼ ବିପଦ ବୋଲି ପ୍ରମାଣିତ ହୋଇଛି ।

ଶ୍ରୀ ମାତା ବୈଷ୍ଣୋ ଦେବୀ ଶ୍ରାଇନ୍ ବୋର୍ଡ ଦ୍ୱାରା ପରିଚାଳିତ ଏବଂ ଅର୍ଥପ୍ରାପ୍ତ ଏହି ମହାବିଦ୍ୟାଳୟଟି ୨୦୨୫ ମସିହା ଶେଷ ଆଡ଼କୁ ୫୦ଟି ଏମବିବିଏସ ସିଟ୍ ସହିତ ନିଜର ପ୍ରଥମ ବ୍ୟାଚ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିଥିଲା । ଏହି ନାମଲେଖା ସମ୍ପୂର୍ଣ୍ଣ ରୂପେ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା 'ନିଟ୍' (NEET-UG) ର ମେରିଟ୍ ତାଲିକା ଉପରେ ଆଧାରିତ ଥିଲା । ଏହି ପରୀକ୍ଷା ଏକ ଅତ୍ୟନ୍ତ କଠିନ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା, ଯେଉଁଥିରେ ଧର୍ମ, ଜାତି କିମ୍ବା ବର୍ଣ୍ଣର କୌଣସି ସ୍ଥାନ ନଥାଏ । ତେବେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କ ଜନସାଂଖ୍ୟିକ ରୂପରେଖ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିଲା । ମୋଟ ୫୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୨ ଜଣ ଛାତ୍ରଛାତ୍ରୀ ମୁସଲମାନ ଥିଲେ, ଯେଉଁମାନେ ମୁଖ୍ୟତଃ କାଶ୍ମୀର ଉପତ୍ୟକାରୁ ଆସିଥିଲେ । ଅନ୍ୟପକ୍ଷରେ ମାତ୍ର କିଛି ଜଣ ହିନ୍ଦୁ ଏବଂ ଶିଖ ଛାତ୍ର ଥିଲେ। ଏହା କୌଣସି ପକ୍ଷପାତିତାର ଫଳ ନଥିଲା, ବରଂ ଏହା ସେହି ଛାତ୍ରଛାତ୍ରୀମାନଙ୍କର କଠିନ ପରିଶ୍ରମ ଏବଂ ଶିକ୍ଷାଗତ ଉତ୍କର୍ଷତାର ପ୍ରମାଣ ଥିଲା ।

କିନ୍ତୁ ଏହି ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ ସମ୍ମାନ ଜଣାଇବା ପରିବର୍ତ୍ତେ, ଶ୍ରୀ ମାତା ବୈଷ୍ଣୋ ଦେବୀ ସଂଘର୍ଷ ସମିତି, ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଭଳି ସଂଗଠନଗୁଡ଼ିକ ସ୍ଥାନୀୟ ରାଜନୈତିକ ନେତାଙ୍କ ସମର୍ଥନରେ ବ୍ୟାପକ ବିରୋଧ ପ୍ରଦର୍ଶନ ଆରମ୍ଭ କରିଥିଲେ । ସେମାନଙ୍କର ଯୁକ୍ତି ଥିଲା ଯେ, ଯେହେତୁ ମାତା ବୈଷ୍ଣୋ ଦେବୀ ପୀଠକୁ ଆସୁଥିବା ହିନ୍ଦୁ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ଏହି ଶିକ୍ଷାନୁଷ୍ଠାନଟି ପରିଚାଳିତ ହେଉଛି, ତେଣୁ ଏହାର ଶିକ୍ଷାଗତ ଲାଭ ମୁଖ୍ୟତଃ ହିନ୍ଦୁ ଛାତ୍ରଛାତ୍ରୀମାନଙ୍କୁ ମିଳିବା ଉଚିତ୍ । ସେମାନେ ଏକ ହିନ୍ଦୁ କୋଟା ଦାବି କରିବା ସହିତ ମେରିଟ୍ ଭିତ୍ତିରେ ଆସିଥିବା ମୁସଲମାନ ଛାତ୍ରଛାତ୍ରୀଙ୍କ ନାମଲେଖା ବାତିଲ କରିବାକୁ ଦାବି କରିଥିଲେ । ଜାମ୍ମୁର ରାସ୍ତାଘାଟରେ ବିକ୍ଷୋଭ, କୁଶପୁତ୍ତଳିକା ଦାହ ଏବଂ ପ୍ରଶାସନ ଉପରେ କ୍ରମାଗତ ଚାପ ପକାଇବା ଭଳି ଘଟଣାମାନ ଦେଖିବାକୁ ମିଳିଲା, ଯାହା ଭାରତୀୟ ଶିକ୍ଷା ବ୍ୟବସ୍ଥାର ଧର୍ମନିରପେକ୍ଷ ଏବଂ ଯୋଗ୍ୟତା ଭିତ୍ତିକ ଗଠନକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିଥିଲା ।

ଏହି ବଢୁଥିବା ରାଜନୈତିକ ଏବଂ ସାମ୍ପ୍ରଦାୟିକ ଚାପ ଆଗରେ ମୁଣ୍ଡ ନୁଆଁଇ ନ୍ୟାସନାଲ୍ ମେଡିକାଲ୍ କମିଶନ୍ (ଏନଏମସି) ଜାନୁଆରୀ ୬, ୨୦୨୬ ରେ ଏକ କଠୋର ପଦକ୍ଷେପ ଗ୍ରହଣ କଲା । ଏହା ହଠାତ୍ କଲେଜକୁ ଏମବିବିଏସ ପାଠ୍ୟକ୍ରମ ଚଳାଇବା ପାଇଁ ଦିଆଯାଇଥିବା ଅନୁମତି ପତ୍ର ପ୍ରତ୍ୟାହାର କରିନେଲା । ଏନଏମସିର ମେଡିକାଲ୍ ଆସେସମେଣ୍ଟ ଆଣ୍ଡ୍ ରେଟିଂ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ସରକାରୀ କାରଣରେ ଛାତ୍ରଛାତ୍ରୀଙ୍କ ଧାର୍ମିକ ପରିଚୟକୁ ଉଲ୍ଲେଖ କରାଯାଇନଥିଲା । ଏହା ପରିବର୍ତ୍ତେ ଏକ ଆକସ୍ମିକ ଯାଞ୍ଚ ସମୟରେ ଭିତ୍ତିଭୂମି, କ୍ଲିନିକାଲ୍ ସୁବିଧା ଏବଂ ଅଧ୍ୟାପକଙ୍କ ସଂଖ୍ୟାରେ ଗୁରୁତର ଅଭାବ ଥିବା ଦର୍ଶାଯାଇଥିଲା । ଏକ ଅତ୍ୟାଧୁନିକ ସୁବିଧା ଥିବା କଲେଜରେ ହଠାତ୍ ଭିତ୍ତିଭୂମିର ଅଭାବ ଦେଖାଯିବା ଏବଂ ତାହା ପୁଣି ସାମ୍ପ୍ରଦାୟିକ ବିରୋଧ ପ୍ରଦର୍ଶନର ଚରମ ସୀମାରେ ଘଟିବା, ନିୟାମକ ସଂସ୍ଥାର ସ୍ୱାଧୀନତା ଏବଂ ପ୍ରକୃତ ଉଦ୍ଦେଶ୍ୟ ଉପରେ ବ୍ୟାପକ ସନ୍ଦେହ ସୃଷ୍ଟି କରିଥିଲା ।

ଏନଏମସିର ଏହି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ପ୍ରକୃତ ମୁଖା ଅଗଷ୍ଟ ୨୦୨୬ ରେ ପ୍ରକାଶିତ ଏକ ସୂଚନା ଅଧିକାର (ଆରଟିଆଇ) ରିପୋର୍ଟ ଦ୍ୱାରା ଖୋଲିଯାଇଥିଲା । ଜୁଲାଇ ୧, ୨୦୨୬ ରେ ଦାଖଲ କରାଯାଇଥିବା ଏକ ଆରଟିଆଇ ଆବେଦନରେ ବିଗତ ତିନି ବର୍ଷ ମଧ୍ୟରେ ମେଡିକାଲ କଲେଜଗୁଡ଼ିକର ଯାଞ୍ଚ, ଚିହ୍ନଟ ହୋଇଥିବା ତ୍ରୁଟି ଏବଂ ସେମାନଙ୍କ ବିରୋଧରେ ନିଆଯାଇଥିବା ନିୟାମକ ପଦକ୍ଷେପ ସମ୍ପର୍କରେ ୧୪ଟି ପ୍ରଶ୍ନ ପଚରାଯାଇଥିଲା । ଏଭଳି କଠୋର ଦଣ୍ଡବିଧାନ ପାଇଁ ଥିବା ମାନଦଣ୍ଡ ବିଷୟରେ ବିସ୍ତୃତ ତଥ୍ୟ ମାଗିବାରୁ ଜୁଲାଇ ୨ ତାରିଖରେ ଏନଏମସିର ଉତ୍ତର ଅତ୍ୟନ୍ତ ନିରାଶାଜନକ ଏବଂ ରହସ୍ୟମୟ ଥିଲା । କମିଶନ ସ୍ୱୀକାର କରିଥିଲେ ଯେ କେଉଁ ପରିସ୍ଥିତିରେ ଏକ କଲେଜର ଅନୁମତି ସିଧାସଳଖ ବାତିଲ କରାଯିବ ଏବଂ କେଉଁ ପରିସ୍ଥିତିରେ ଏକ ଚେତାବନୀ, କାରଣ ଦର୍ଶାଅ ନୋଟିସ୍ କିମ୍ବା ତ୍ରୁଟି ସୁଧାରିବା ପାଇଁ ସମୟ ଦିଆଯିବ, ସେ ନେଇ ସେମାନଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ଦଲିଲ୍ କିମ୍ବା ନିର୍ଦ୍ଧାରିତ ନିୟମାବଳୀ ନାହିଁ । କମିଶନ ଏହା ମଧ୍ୟ କହିଥିଲେ ଯେ ସେମାନେ ଏହିପରି ତଥ୍ୟ ସଂଗ୍ରହ କରି ରଖନ୍ତି ନାହିଁ। ସ୍ୱଚ୍ଛ ତଥ୍ୟ ପ୍ରଦାନ କରିବାରେ ମନା କରିବା ଏବଂ ମନମୁଖୀ ନିଷ୍ପତ୍ତି ନେବାର ସ୍ୱୀକୃତି ଏହା ସ୍ପଷ୍ଟ କରୁଛି ଯେ ଏନଏମସି ଏକ ନିରପେକ୍ଷ ଶିକ୍ଷାଗତ ନିୟାମକ ଭାବରେ କାର୍ଯ୍ୟ କରିବା ପରିବର୍ତ୍ତେ ରାଜନୈତିକ ତୁଷ୍ଟୀକରଣର ଏକ ଅସ୍ତ୍ର ପାଲଟିଛି । ଏହା ସୂଚାଉଛି ଯେ ସାମ୍ପ୍ରଦାୟିକ ଶକ୍ତିମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବୋଧହୁଏ ଏହି ନିଷ୍ପତ୍ତି ନିଆଯାଇଥିଲା ।

ଏନଏମସିର ଏହି ନିଷ୍ପତ୍ତି ପରେ ଯାହା ଘଟିଲା, ତାହା ବୋଧହୁଏ ଏହି ସମଗ୍ର ଘଟଣାର ସବୁଠାରୁ ଦୁଃଖଦ ଦିଗ ଥିଲା । ସଂଘର୍ଷ ସମିତିର ସଦସ୍ୟମାନେ ଏବଂ ସେମାନଙ୍କର ସମର୍ଥକମାନେ ମିଠା ବାଣ୍ଟି, ଉଚ୍ଚ ସ୍ୱରରେ ସଙ୍ଗୀତ ବଜାଇ ଏବଂ ବାଣ ଫୁଟାଇ ଡାକ୍ତରୀ ମହାବିଦ୍ୟାଳୟ ବନ୍ଦ ହେବାକୁ ନିଜ ଧର୍ମର ବିଜୟ ବୋଲି ପାଳନ କରିଥିଲେ । ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଯଥାର୍ଥରେ ଦର୍ଶାଇଥିଲେ ଯେ, ଯେତେବେଳେ ଦେଶର ଅନ୍ୟ ପ୍ରାନ୍ତରେ ଲୋକମାନେ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଘୋର ଅଭାବକୁ ଦୂର କରିବା ପାଇଁ ନୂତନ ଡାକ୍ତରୀ ମହାବିଦ୍ୟାଳୟ ନିର୍ମାଣ କରିବାକୁ ସଂଘର୍ଷ କରୁଛନ୍ତି, ସେତେବେଳେ ଜାମ୍ମୁର କିଛି ଲୋକ ଗୋଟିଏ କଲେଜକୁ ବନ୍ଦ କରିବା ପାଇଁ ସଂଘର୍ଷ କରିବା ଏବଂ ତାହାକୁ ଉତ୍ସବ ଭାବରେ ପାଳନ କରିବା ଏକ ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଏହା ଏକ ଗଭୀର ସାମ୍ପ୍ରଦାୟିକ ମାନସିକତାକୁ ପଦାରେ ପକାଉଛି, ଯାହା ସାମୂହିକ ଆଞ୍ଚଳିକ ତଥା ଜାତୀୟ ବିକାଶ ଅପେକ୍ଷା ଧାର୍ମିକ ବହିଷ୍କାରକୁ ଅଧିକ ଗୁରୁତ୍ୱ ଦେଇଥାଏ।

ଏହି କ୍ଷତିର ଗମ୍ଭୀରତାକୁ ବୁଝିବାକୁ ହେଲେ ଭାରତରେ ଚିକିତ୍ସା ଶିକ୍ଷା ସମ୍ବନ୍ଧୀୟ ବ୍ୟାପକ ତଥ୍ୟ ଉପରେ ନଜର ପକାଇବାକୁ ପଡ଼ିବ । ପ୍ରତିବର୍ଷ ଦେଶରେ କୋଡିଏ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦେଉଛନ୍ତି, ଯେଉଁଥିରେ ସମଗ୍ର ଦେଶରେ ଉପଲବ୍ଧ ଥିବା ମାତ୍ର ଏକ ଲକ୍ଷ ଆଠ ହଜାର ଏମବିବିଏସ ସିଟ୍ ପାଇଁ କଡ଼ା ପ୍ରତିଯୋଗିତା ହେଉଛି । ଏଥିମଧ୍ୟରୁ ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ପ୍ରାୟ ଚଉବନ ହଜାର ସିଟ୍ ରହିଥିବା ବେଳେ ବାକି ସିଟ୍ ଗୁଡ଼ିକ ଘରୋଇ କଲେଜରେ ରହିଛି । ଏହି ପ୍ରତିଯୋଗିତା ଅତ୍ୟନ୍ତ କଠିନ ଏବଂ ଏଥିରେ ଗୋଟିଏ ସିଟ୍ ହାସଲ କରିବା ଯେକୌଣସି ଛାତ୍ର ପାଇଁ ଏକ ବିରାଟ ସଫଳତା । ଏହା ସହିତ, ସଂସଦୀୟ କମିଟିର ରିପୋର୍ଟଗୁଡ଼ିକ କ୍ରମାଗତ ଭାବରେ ଦର୍ଶାଇଛନ୍ତି ଯେ ବିଶେଷ କରି ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ଅଞ୍ଚଳରେ ଡାକ୍ତରୀ ଅଧ୍ୟାପକ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଘୋର ଅଭାବ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ପୂରଣ କରିବା ପାଇଁ ଭାରତକୁ ଆହୁରି ଅନେକ ଡାକ୍ତରଙ୍କ ଆବଶ୍ୟକତା ରହିଛି । ଏଭଳି ପରିସ୍ଥିତିରେ, ପଚାଶଟି ମୂଲ୍ୟବାନ ସିଟ୍ ଥିବା ଏକ ସମ୍ପୂର୍ଣ୍ଣ ଅର୍ଥପ୍ରାପ୍ତ, ନୂତନ ଭାବରେ ପ୍ରତିଷ୍ଠିତ ଡାକ୍ତରୀ ମହାବିଦ୍ୟାଳୟକୁ ସାମ୍ପ୍ରଦାୟିକ କାରଣରୁ ବନ୍ଦ କରିଦେବା କେବଳ ସେହି ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳିବା ନୁହେଁ, ବରଂ ଏହା ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରତି ଏକ ଅପରାଧ ଅଟେ । ଗୋଟିଏ ପଟେ ସରକାର ନୂତନ ମେଡିକାଲ କଲେଜ ଖୋଲିବାର ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟ ପଟେ ପ୍ରସ୍ତୁତ ହୋଇଥିବା କଲେଜକୁ ବନ୍ଦ କରି ଦିଆଯାଉଛି ।

ବୈଷ୍ଣୋ ଦେବୀ ମେଡିକାଲ୍ କଲେଜ ଘଟଣା ଭାରତରେ ଶିକ୍ଷାର ଭବିଷ୍ୟତ ପାଇଁ ଏକ ଅତ୍ୟନ୍ତ ବିପଜ୍ଜନକ ଉଦାହରଣ ସୃଷ୍ଟି କରୁଛି । ଯଦି ଜାତୀୟ ସ୍ତରର ମେରିଟ୍ ପରୀକ୍ଷା ମାଧ୍ୟମରେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କ ଧାର୍ମିକ ପରିଚୟ ଶିକ୍ଷାନୁଷ୍ଠାନ ବନ୍ଦ କରିବାର ଆଧାର ପାଲଟିଯାଏ, ତେବେ ଭାରତର ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ନୀତିର ମୂଳଦୁଆ ବିପନ୍ନ ହୋଇପଡ଼ିବ । ଶିକ୍ଷାକୁ ସମାଜର ସବୁଠାରୁ ବଡ଼ ସମାନତା ଆଣୁଥିବା ମାଧ୍ୟମ ଭାବରେ ବିବେଚନା କରାଯାଏ, ଯେଉଁଠାରେ ଜାତି, ଧର୍ମ ଏବଂ ସମ୍ପ୍ରଦାୟର କୌଣସି ପ୍ରାସଙ୍ଗିକତା ନଥାଏ ଏବଂ କେବଳ ଯୋଗ୍ୟତା ହିଁ କଥା କହେ । ଏନଏମସି ଭଳି ନିୟାମକ ସଂସ୍ଥାଗୁଡ଼ିକୁ ଚିକିତ୍ସା ଶିକ୍ଷାର ମାନ ବଜାୟ ରଖିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି, ଶ୍ରେଣୀଗୃହର ଜନସାଂଖ୍ୟିକ ରୂପରେଖ ନିୟନ୍ତ୍ରଣ କରିବା ପାଇଁ ନୁହେଁ। ରାଜନୈତିକ ଏବଂ ସାମ୍ପ୍ରଦାୟିକ ଚାପ ଆଗରେ ସେମାନଙ୍କର ଆତ୍ମସମର୍ପଣ ସେମାନଙ୍କର ବିଶ୍ୱସନୀୟତାକୁ ଗଭୀର ଭାବରେ କ୍ଷତି ପହଞ୍ଚାଉଛି । ଏଭଳି ମନମୁଖୀ କାର୍ଯ୍ୟାନୁଷ୍ଠାନ ବିରୋଧରେ ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବା ନିହାତି ଆବଶ୍ୟକ । ସରକାର ଏହା ସୁନିଶ୍ଚିତ କରିବା ଉଚିତ୍ ଯେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ସାମ୍ପ୍ରଦାୟିକ ରାଜନୀତିର ବିଷାକ୍ତ ପ୍ରଭାବରୁ ସୁରକ୍ଷିତ ରହିବେ । ଏସଏମଭିଡିଆଇଏମଇରେ ନିଜର ଯୋଗ୍ୟତା ବଳରେ ସିଟ୍ ହାସଲ କରିଥିବା ଛାତ୍ରଛାତ୍ରୀମାନେ ନ୍ୟାୟ ପାଇବାକୁ ହକ୍ ଦାର । କଲେଜର ମାନ୍ୟତା ତୁରନ୍ତ ଫେରାଇ ଆଣିବା କିମ୍ବା କୌଣସି ଶିକ୍ଷାଗତ ବର୍ଷ ନଷ୍ଟ ନକରି ସେମାନଙ୍କୁ ଅନ୍ୟ ସମକକ୍ଷ ଅନୁଷ୍ଠାନକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ମାଧ୍ୟମରେ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯିବା ଉଚିତ୍ । ଏକ ସୁସ୍ଥ ଗଣତନ୍ତ୍ରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଏପରି ଖେଳ ଖେଳିବା କଦାପି ଗ୍ରହଣୀୟ ନୁହେଁ ।

## ଧ୍ୟାନ ପ୍ରତିଧ୍ୟାନ

# ଉତ୍ତରାଧିକାରୀ ଆଇନକୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ



**ଯୁଧିଷ୍ଠିର ମହାରଣା**




ଆମ ମାନଙ୍କ ଭିତରେ ଏବେ ବି ଡାକଘରେ ସଞ୍ଚୟ ଖାତା ଖୋଲିବା ଏବଂ ନିରାପଦ ଆର୍ଥିକ ବ୍ୟବସ୍ଥାର ଡାକ ଘର ମଧ ଏକ ଅନ୍ୟତମ ଭୂମିକାରେ ଥାଏ। ଯାହାପାଇଁ ଡାକଘରେ ଅନେକ ଲୋକ ପ୍ରାୟତଃ ସଞ୍ଚୟ ଖାତା ବା ପାସବୁକ ଖୋଲି ସେମାନଙ୍କର ଆର୍ଥିକ ଦେଣନେଣ କରିଥାନ୍ତି। ସଞ୍ଚୟ ବ୍ୟାଙ୍କ ଜମାଖାତାଧାରୀଙ୍କ ଅବର୍ତ୍ତମାନରେ ତାଙ୍କ ଉତ୍ତରାଧିକାରୀଙ୍କୁ ଜମା ବାବଦ ପ୍ରାପ୍ୟ ମିଳିବାର ଯେଉଁ ନିୟମ ରହି ଆସିଛି, ତାହା କ୍ରମଶଃ ଜଟିଳ ହେଉଥିବା ଭୁକ୍ତଭୋଗୀମାନେ ଅଭିଯୋଗ କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟକୁ ନେଇ ବିତର୍କ ସୃଷ୍ଟି ହୋଇଛି।

ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ-୧୯୪୯ ଅନୁଯାୟୀ ବ୍ୟାଙ୍କ ଜମା ଖାତାଧାରୀଙ୍କ ମୃତ୍ୟୁ ପରେ ଆକାଉଣ୍ଟରେ ବା ଖାତାରେ ଥିବା ଜମାରାଶି ହକଦାର କିଏ ହେବ ତାହା ଉଲ୍ଲେଖ କରାଯାଇଛି। ଏହି ନିୟମ ଅନୁଯାୟୀ ଜମାକାରୀ ବା ଆକାଉଣ୍ଟ ହୋଲଡ଼ର ତାଙ୍କ ଖାତାରେ ଉତ୍ତରାଧିକାରୀ ବା ନୋମିନ ଭାବେ ଯାହାଙ୍କ ନାମ ଉଲ୍ଲେଖ ଥାଏ ତେବେ କେଉଁ ନୋମିନ ମୋଟ ଜମା ଅର୍ଥରାଶିରୁ କେତେ ଭାଗ ପାଇବାକୁ ହକଦାର ତାହା ମଧ ନୋମିନି ଫର୍ମ ବା ଘୋଷଣାନାମାରେ ଉଲ୍ଲେଖ ଥାଏ। ଯଦି ଜମାକାରୀଙ୍କ ଏକାଧିକ ଉତ୍ତରାଧିକାରୀ ବା ଦାୟାଦ ଥାନ୍ତି କିନ୍ତୁ ମାତ୍ର ଜଣଙ୍କର ନାମ ନୋମିନ ଭାବରେ ଉଲ୍ଲେଖ ଥାଏ, ତେବେ ତାଙ୍କୁ ହିଁ ସେ ବାବଦ ପ୍ରାପ୍ୟ ଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ବାଧ। ଏହାପରେ ସମ୍ପୃକ୍ତ ନୋମିନ ସେହି ଅର୍ଥରାଶିକୁ ଅନ୍ୟ ଦାୟାଦ ମାନଙ୍କୁ କେତେ ଦେବେ କିମ୍ବା ନ ଦେବେ ତାହା ତାଙ୍କ ବିବେକ ଉପରେ ନିର୍ଭର କରେ କିମ୍ବା କୋର୍ଟକଚେରୀ ନିଷ୍ପତ୍ତି ନିଏ। କିନ୍ତୁ ଦାୟାଦଙ୍କ ଭାଗବଣ୍ଟା ବିବାଦ ଆଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଅର୍ଥରାଶିକୁ ଅଟକାଇ ରଖିପାରିବେ ନାହିଁ।

ନିକଟରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଅନୁସାରେ ଖାତାରେ ଯାହାଙ୍କ ନାମ ନୋମିନ ଭାବେ ଉଲ୍ଲେଖ ଥାଉ ନା କାହିଁକି ଉକ୍ତ ରାଶି ନୋମିନଙ୍କ ଦସ୍ତଖତରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରୁ ଗୃହୀତ ହେବେ ଏବଂ ଏକାଧିକ ଉତ୍ତରାଧିକାରୀ ବା ଦାୟାଦଙ୍କ ମଧ୍ୟରେ ବଣ୍ଟନ ହେବ। କେବଳ ନୋମିନ ସେହି ସମ୍ପୂର୍ଣ୍ଣ ରାଶିର ଏକ ଚାଟିଆ ମାଲିକାନା ଜାହିର କରିପାରିବେ ନାହିଁ। ଏହି ରାୟ ଦେବା ବେଳେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ସର୍ବୋଚ୍ଚ ନ୍ୟାୟାଳଙ୍କ ଏକ ରାୟକୁ ଆଧାର ଭାବେ ଗ୍ରହଣ କରିଛନ୍ତି ଏବଂ କୌଣସି ପରିସ୍ଥିତିରେ ଉତ୍ତରାଧିକାରୀ ଆଇନକୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ଅଧିକ୍ରମଣ କରିପାରିବ ନାହିଁ ବୋଲି କହିଛନ୍ତି।

ଏ ସମ୍ପର୍କରେ ଅଧିକ ଆଲୋଚନା କରିବା ପୂର୍ବରୁ ମାମଲାର ବିବରଣୀ ବିଷୟରେ କିଞ୍ଚିତ ଆଲୋକପାତ କରିବା ଉଚିତ ହେବ। ମନୋଜ କୁମାର ଶର୍ମା ନାମକ ଜଣେ ବ୍ୟକ୍ତିଙ୍କ ମାଆଙ୍କ ନାମରେ ବ୍ୟାଙ୍କ ଅଫ ବରୋଦା ଶାଖାରେ ଏକ ମିଆଦୀ ଜମା ଫିକ୍ସଡ ଡିପୋଜିଟ ରହିଛି, ଯେଉଁଥିରେ ନୋମିନ ରହିଛନ୍ତି ମନୋଜ। ୨୦୨୦ ଫେବୃଆରୀ ୮ରେ ତାଙ୍କ ମାଆଙ୍କର ମୃତ୍ୟୁ ପରେ ମିଆଦୀ ଜମା ବାବଦ ଅର୍ଥରାଶି ପାଇବା ପାଇଁ ମନୋଜ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ। କିନ୍ତୁ ତାଙ୍କ ଭାଇ ବା ଜମାକାରୀଙ୍କ ଅନ୍ୟ ଦାୟାଦମାନେ ସେହି ଅର୍ଥରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ବାଦୀ-ପ୍ରତିବାଦୀମାନଙ୍କ ଓକିଲ ସେମାନଙ୍କ ମହକିଲଙ୍କ ସପକ୍ଷରେ ସ୍ୱାଭାବିକ ଭାବରେ ଯୁକ୍ତି ଉପସ୍ଥାପନ କରିବା ପରେ ମାମଲା ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଥିଲା।

ମାମଲାର ଶୁଣାଣି କରି ବିଚାରପତି ଶେଖର ବି ସରାଫ ଓ ବିଚାରପତି ବିପିନ ଚନ୍ଦ୍ର ଦୀକ୍ଷିତଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ନୋମିନଙ୍କ ସମେତ ଅନ୍ୟ ଉତ୍ତରାଧିକାରୀମାନେ ମଧ ଜମା ବାବଦ ଅର୍ଥ ପାଇବା ପାଇଁ ହକଦାର ବୋଲି ସ୍ପଷ୍ଟ କରିଛନ୍ତି ଏବଂ ଉକ୍ତ ଅର୍ଥରାଶିକୁ ଏକ ଟ୍ରଷ୍ଟରେ ଜମା କରିବାକୁ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟ ପରେ ବନ୍ଦ ପଡ଼ିଥିବା ଖାତାର ପ୍ରାପ୍ୟ ଅଧିକାର ପ୍ରକ୍ରିୟା ଆହୁରି ଆଇନଗତ ଜଟିଳତା ଭିତରକୁ ଚାଲିଯାଇଛି। ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ୧୯୪୯ ଅନୁଯାୟୀ ନୋମିନଙ୍କୁ ଅଚଳ ଖାତାର ପ୍ରାପ୍ୟର ହକଦାର କରାଯାଇଥିଲେ ମଧ ଏ ପ୍ରକ୍ରିୟା ଏତେ ଜଟିଳ ଯେ ସାଧାରଣ ଲୋକଟିଏ ପ୍ରାପ୍ୟ ପାଇଁ ନୟାନ୍ତ ହେବାକୁ ପଡୁଛି। ଏ ସମ୍ପର୍କିତ ବିଭିନ୍ନ ବ୍ୟାଙ୍କ ନୀତି, ନିୟମ ଓ ସର୍ତ୍ତ ମଧ ଭିନ୍ନ ଭିନ୍ନ। ନୋମିନଙ୍କ ନାମ ଓ ପରିଚୟ ବ୍ୟାଙ୍କ ଖାତାରେ ସ୍ପଷ୍ଟ ଉଲ୍ଲେଖ ଥିଲେ ମଧ ଖାତାଧାରୀଙ୍କ ଅବର୍ତ୍ତମାନରେ ସେହି ପ୍ରାପ୍ୟ ପାଇବାକୁ ହେଲେ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କ ଆଗରେ ଆହୁରି ଅନେକ ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରିବାକୁ ପଡୁଛି। ନାମ ଓ ପରିଚୟର ସର୍ବସ୍ୱୀକୃତ ଓ ସର୍ବଗ୍ରାହ୍ୟ ପ୍ରମାଣପତ୍ର ଭାବେପ ଆଧାର ପରିଚୟ ପତ୍ରକୁ ସରକାର ସ୍ୱୀକୃତି ଦେଇଛନ୍ତି। ନୋମିନଙ୍କ ନାମ ଖାତାରେ ଉଲ୍ଲେଖ କରିବା ସମୟରେ ମଧ ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ହିଁ ନିର୍ବିକାରରେ ଗ୍ରହଣ କରୁଛନ୍ତି। କିନ୍ତୁ ଖାତାଧାରୀଙ୍କ ଅବର୍ତ୍ତମାନରେ ଖାତାରେ ଥିବା ରାଶି ପାଇବା ବେଳକୁ ଆଧାର ପରିଚୟ ପତ୍ର ତାର ମୌଳିକ ଶକ୍ତି ହରାଉଛି। ତେଣୁ ଆଧାର ପରିଚୟ ପତ୍ର ସହିତ ବିଚରା ନୋମିନଙ୍କୁ ଆହୁରି ଏଭଳି ଏକାଧିକ ଚିହ୍ନଟକାରୀ ଓ ସାକ୍ଷ୍ୟ ଯୋଗାଡ଼ କରିବାକୁ ପଡୁଛି, ଯେଉଁମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ସରକାରୀ ଚାକିରିଆ, ଅର୍ଦ୍ଧ-ନ୍ୟାୟିକ କିମ୍ବା ନ୍ୟାୟିକ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ମାନେ ଆସୁଛନ୍ତି।

କେତେକ କ୍ଷେତ୍ରରେ ସାକ୍ଷ୍ୟ, ପ୍ରମାଣ ଓ ମୁଚାଲିକା ଭାବରେ ଟିକସ ପୈଠ ବିବରଣୀ ସହିତ ଦାଖଲ କରିବାକୁ ପଡୁଛି। ଯେଉଁଠାରେ ନୋମିନଙ୍କ ନାମ ଉଲ୍ଲେଖ ନଥାଏ ସେଠାରେ ଲିଗାଲ ହେୟାର ସାର୍ଟିଫିକେଟ ଆଧାରରେ ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ସମ୍ପତ୍ତି ବା ଜମା ପରିମାଣ ରାଶି ବାଣ୍ଟି ଦେବାର ନିୟମ ରହିଛି। ଏହି ନିୟମର କାର୍ଯ୍ୟକାରିତା ମଧ ଏତେ ଜଟିଳ ଯେ ଏଥିପାଇଁ ଦାବିଦାରଙ୍କୁ ସତ୍ୟପାଠ, ସ୍ୱତ୍ତ୍ୱ ପ୍ରତ୍ୟାଖ୍ୟାନ ପ୍ରମାଣ ପତ୍ର ଓ କ୍ଷତିବିମୁକ୍ତି ପ୍ରମାଣ ପତ୍ର ସହିତ ଆବେଦନ କରିବାକୁ ପଡୁଛି। ଏଭଳି ପରିସ୍ଥିତିରେ ମଫସଲରେ ରହୁଥିବା ଅପାଠୁଆ ଓ ଅର୍ଦ୍ଧପାଠୁଆ ହିତାଧିକାରୀଙ୍କ ଦୂରବସ୍ଥା ନ କହିବା ଭଲ। ଯଦି ଖାତାଧାରୀଙ୍କ ଆକାଉଣ୍ଟରେ କମ ଅର୍ଥ ରହିଥିବ ତେବେ ଦାବି ପାଇଁ ଦୌଡ଼ି ନୟାନ୍ତ ହେବା ବଦଳରେ ବରଂ ଛାଡ଼ି ଦେବାକୁ ଅନେକେ ଉଚିତ ମଣୁଛନ୍ତି। ଯେଉଁଠି ନିୟମ ଆହୁରି ସରଳ ହେବା କଥା ସେଠାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ବ୍ୟବସ୍ଥାକୁ ଆହୁରି ଜଟିଳ କରିଦେଇଥିବା ପରି ମନେ ହେଉଛି। ସମ୍ପତ୍ତିର ଭାଗବଣ୍ଟାକୁ ନେଇ ଦାୟାଦଙ୍କ ମଧ୍ୟରେ ବିବାଦ ଓ ସଂଘର୍ଷର ଉଦାହରଣ ଅନେକ। ସେହି ଦୃଷ୍ଟିରୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ଏହି ରାୟ ସମାଜର ସବୁସ୍ତର ପାଇଁ କାର୍ଯ୍ୟକାରୀ ହେଉଥିବାରୁ ବିଚରା ଅମାୟିକ ଲୋକମାନେ ବ୍ୟବସ୍ଥାର ଜଟିଳତା ଭିତରେ ପେସି ହୋଇଯାଉଛନ୍ତି। ଏବେ ସମୟ ଆସିଛି ବ୍ୟବସ୍ଥା କିପରି ସମାବେଶୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାର। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ସାର୍ବଜନୀନ ସରଳ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ବିଶେଷଜ୍ଞମାନଙ୍କ ଉପରେ ନିର୍ଭର କରି ହେବ କି ?



**ସୁବ୍ରତ କର**



ସାରା ରାଜ୍ୟରେ ବର୍ଷା, ବର୍ଷା, ବର୍ଷା ଏବଂ ପାଣି, ପାଣି, ପାଣି । ଯେଉଁ ଜିଲ୍ଲାକୁ ଦେଖନ୍ତୁ ଏବଂ ଜିଲ୍ଲାର ଯେଉଁ ଜାଗାକୁ ଦେଖନ୍ତୁ ପ୍ରଚୁର ପାଣି । ଏହି ବର୍ଷାରେ ରାସ୍ତା, ଘର, ବିଲ ଏବଂ ନଈ, ନାଳ ବର୍ଷା ପାଣିରେ ଉବୁଟୁବୁ ହେଉଛି । ଏହି ବର୍ଷା ଲାଗି ରହିଛି ଜୁଲାଇ ମାସରୁ। ପ୍ରଥମେ ବିଶେଷଜ୍ଞ ମାନେ କହିଲେ ଏ ବର୍ଷା ଆମ ରାଜ୍ୟରେ ନିଅଣ୍ଟିଆ ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ବର୍ଷାର ପରିମାଣ ରିତିମତ ବଢ଼ିଲା ଜୁଲାଇ ମାସରୁ । ଶେଷରେ ଜୁଲାଇ ୨୮ ତାରିଖରେ ସାରା ଓଡ଼ିଶାକୁ ଭସାଇ ଦେଲା। ବନ୍ୟା ଉପରେ ବନ୍ୟା। ଗାଁ, ଗହଳିରେ ଅବସ୍ଥା ଅତ୍ୟନ୍ତ ଖରାପ । ହଜାର ହଜାର ଘର ଭାଙ୍ଗି ମାଟିରେ ମିଶି ଯାଇଛି। ହଜାର ହଜାର ଲୋକ ଘରଛଡ଼ା ଏବଂ ଠିକ୍ ମୁତାବକ ଦୁଇମୁଠା ଦୁଇଅଳି ଖାଇବାକୁ ମିଳୁ ନାହିଁ। ତଥାପି ଆମର ଅତି ପ୍ରିୟ ସରକାର ଲୋକଙ୍କ କଥା ବୁଝିବାକୁ ସକ୍ଷମ ହୋଇ ପାରି ନାହାନ୍ତି । ବିଶେଷ କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକ ହେଲା ଆମ ଜିଲ୍ଲା (ବାଲେଶ୍ୱର), ମୟୂରଭଞ୍ଜ, ଭଦ୍ରକ ଏବଂ କେନ୍ଦୁଝର । ଏହାଛଡ଼ା ଅନ୍ୟ ଜିଲ୍ଲା ଗୁଡ଼ିକ ଅଳ୍ପ ବହୁତ କ୍ଷତିଗ୍ରସ୍ତ । ଏହା ପରେ ପୁଣି ଅଗଷ୍ଟ ୧୨ ତାରିଖରୁ ଆରମ୍ଭ ହେଲା ବର୍ଷା। ସାରା ରାତି ବର୍ଷା, ସକାଳେ ଦେଖିଲା ବେଳକୁ କେହି ଘରୁ ବାହାରି ପାରୁ ନାହାନ୍ତି । ଘର ଭିତରେ, ବାହାରେ ଏବଂ ସହରର ସବୁ ରାସ୍ତା ଜଳମଗ୍ନ । ଚାଲି ଚାଲି ଯିବା ମଧ କଷ୍ଟକର । ଭୀଷଣ ବର୍ଷା ୧୨ ତାରିଖ ରାତିରେ ହେବ ବୋଲି କାହାରିକୁ ଜଣା ନଥିଲା ଏବଂ କେହି ଏହା ପାଇଁ ପ୍ରସ୍ତୁତ ନଥିଲେ । ଜନ ସାଧାରଣ ସେଦିନ ରାତି ଏବଂ ୧୩ ତାରିଖ ସକାଳ ପର୍ଯ୍ୟନ୍ତ ପ୍ରଚୁର ହଇରାଣ ହରକତ ହୋଇଛନ୍ତି । ସରକାର ଜିଲ୍ଲା ପ୍ରଶାସନ ବା ପାଣି ପାଗ ବିଶେଷଜ୍ଞ କେହି ଲୋକଙ୍କ ପାଖରେ ଖବର ପହଞ୍ଚାଇ ପାରି ନଥିଲେ। ଏମାନଙ୍କ ସହିତ ଯୋଡ଼ି ହୋଇଥିଲେ ଟି.ଭି ଚେନାଲ ଏବଂ ପ୍ରିଣ୍ଟ ମିଡିଆ । ବିଭିନ୍ନ ଚେନାଲ ଏବଂ କାଗଜ ବିଭିନ୍ନ ପ୍ରକାର ଖବର ପ୍ରଚାର ପ୍ରସାର କରିବାରେ ବ୍ୟସ୍ତ ଏବଂ ମଜାର କଥା ଏହି ଚେନାଲ ଗୁଡ଼ିକ ମଝିରେ ମଝିରେ ବିଶେଷଜ୍ଞ ଡାକି ଆଣି ବିଭିନ୍ନ ପ୍ରକାରର ବିଭ୍ରାନ୍ତିକର ତଥ୍ୟ ଯୋଗାଇ ବାହାଦୂରୀ ନେବାରେ ବ୍ୟସ୍ତ । ଏହା ଦ୍ୱାରା ସାଧାରଣ ଜନତା ଏମାନଙ୍କ ତଥ୍ୟ ଉପରେ ନିର୍ଭର କରି ଏତେ କଷ୍ଟ ପାଇଛନ୍ତି ଏବଂ ପାଉଛନ୍ତି କହିବାର ନାହିଁ । ସେଥିରେ ପୁଣି ପାଣି ପାଗ ବିଶେଷଜ୍ଞଙ୍କ ବିଶେଷ ତଥ୍ୟ ହେଉଛି ସବୁଜ, ହଳଦିଆ, ଅରେଞ୍ଜ ଏବଂ ନାଲିଆ । ଯେଉଁ ଜିଲ୍ଲା ପାଇଁ ଯେଉଁ ସଂକେତ ହେଉଥିଲେ ଠିକ୍ ତାର ଓଲଟାଟି ହେଉଥିଲା । ଚେନାଲ ପାଠକ୍ ପାଠିକା ମାନଙ୍କ ପାଟିରେ ସବୁବେଳେ ବାହାରୁଥାଏ ଏହି ଜିଲ୍ଲାରେ ପ୍ରଚୁର ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ଯଦି ବି ଏହି ଜିଲ୍ଲା ପାଇଁ ହଳଦିଆ ରଙ୍ଗର ସଂକେତ ରହିଛି। ପୁଣି ୨୦ ତାରିଖରେ ଆଉ ଗୋଟାଏ ବଡ଼ ବର୍ଷା ହବାର ସମ୍ଭାବନା ରହିଛି ବିଶେଷଜ୍ଞ ମାନଙ୍କ ମତରେ। ମୋର ଅନୁରୋଧ ଏହି ବିଶେଷଜ୍ଞ ମାନଙ୍କୁ ଯେ, 'ଆପଣମାନେ ଜଗନ୍ନାଥଙ୍କ ଉପରେ ନୁହଁନ୍ତି ଆଉ ଲୋକଙ୍କୁ ହଇରାଣ ହରକତ କରନ୍ତୁ ନାହିଁ ଦୟାକର ।




## ବରଷା ସାଧୁଛି ଦାଉ...

**ଦିଲ୍ଲୀପ କୁମାର ସାହୁ**



ବରଷା ସାଧୁଛି ଦାଉ
ରାତିଦିନ ନିତି ପ୍ରବଳ ବରଷେ
ଗାଆଁ ଦାଣ୍ଡ ଆମ ପୋଖରି ପାଲଟେ
ଖେଳନ୍ତି କେରାଣ୍ଡି କଉ
ବରଷା ସାଧୁଛି ଦାଉ...

କଙ୍କ୍ରିଟ ରାସ୍ତାରେ ଝର ଫିଟିଲାଣି
ପିଚୁ ହୋଇଲାଣି ଖାଲ
ଚାଷବାସ ସବୁ ଉଜୁଡିଗଲାଣି
ଚାଷୀମାନେ କଲବଲ
ଆକାଶ ଛୁଆଁତ ହାଟ ବଜାରରେ
ସବୁଜ ପରିବା ଭାଉ
ବରଷା ସାଧୁଛି ଦାଉ...

ଚାଳଘର କଥା ପଚାରୁଛ କିଆଁ
କୋଠାଘର ଭାସିଲାଣି
ତଳ ମହଲାତ ଉଛୁଳୁ ମୁଛୁଳୁ
ଛାତରେ ଜକାଏ ପାଣି
ବାଟଘାଟ ସାରା କଙ୍କଡା ବିଛାକୁ
ସାପ ନିତି ହାଉଜାଉ
ବରଷା ସାଧୁଛି ଦାଉ...

ଅବପାତ ଆଉ ଲଘୁଚାପ ଯୋଗୁ
ରକ୍ତଚାପ ଯାଏ ବଢି
ଅକାଳେ ଯାଉଛି ନିରୀହ ଜୀବନ
ଘଡଘଡି କଲେ ରଡି
ପ୍ରକୃତି କୋପରୁ ରକ୍ଷାକର ବାରେ
ଦୟାବହି ମହାବାହୁ
ବରଷା ସାଧୁଛି ଦାଉ...



## ଈଶ୍ୱର

**ସଦାଶିବ ବିଶ୍ୱାଳ**



ଅତୁଟ, ଅଖଣ୍ଡ ଆସ୍ଥା ବିଶ୍ୱାସର
ଅନ୍ୟ ନାମ ଈଶ୍ୱର
ସଭିଙ୍କ ଉପରେ ସମାନ ଭାବେ
ବୃଷ୍ଟିହୁଏ ତାଙ୍କ କୃପା ଅପାର

ଅନ୍ତରର ମୁଢପଣ
ଈଶ୍ୱରଙ୍କ ନିକଟକୁ ଯିବାକୁ ଦିଏନି
ଅଖଣ୍ଡ ଆସ୍ଥା ସ୍ଥାପନରେ ବାଟ ଓଗାଳେ
ଈଶ୍ୱରଙ୍କ କୃପା ପାଇ ହୁଏନି

ଈଶ୍ୱର ସର୍ବ ବିଦ୍ୟମାନ
ଭକ୍ତ ପ୍ରହଲ୍ଲାଦଙ୍କ ଉକ୍ତିରେ
ଦୁଷ୍ଟନାସି ଭକ୍ତ ଉଦ୍ଧାରନ୍ତି
ଆବିର୍ଭୁତ ହୁଅନ୍ତି ଖମ୍ବରେ

ଜୟ ହୁଏ ଅତୁଟ ଆସ୍ଥା ବିଶ୍ୱାସର
ପରାଜୟ ଲଭେ ମୁଢପଣ
ପରମାତ୍ମା କୃପା ଅକ୍ଷୟପାତ୍ର
ଦୁଷ୍ଟ ନିବାରି ହୁଏ ସନ୍ଥ ପାଳନ

+ଅଙ୍ଗାରୁଆ, ଜିଲ୍ଲା - କେନ୍ଦୁଝର

ହେମନ୍ତ ସାହୁ



# ଫର୍ଦ୍ଦ



ଆଧୁନିକ ଯୁଗ ଏଠାରେ ସମସ୍ତେ ଭୁଲ ଠିକ୍ କଣ ଭଲ ଭାବରେ ବୁଝନ୍ତି କିନ୍ତୁ ମାନିବାକୁ ସଭିଏଁ ନାରାଜ। ବହୁତ କଷ୍ଟ କରି ପାଠପଢି ଅମିତ୍ ମାଟ୍ରିକରେ ୯୦ ପ୍ରତିଶତ ମାର୍କ ରଖିଛି । ଗାଁରେ ସମସ୍ତେ ଖୁସି। ବାପା ଯଦୁମଣି ସାହୁ ଓ ମାଆ ଯୋଶବନ୍ତି । ମାଆବାପା କଷ୍ଟକରି ପଢ଼ାଇ ଥିବା ସଫଳ ହୋଇଛି । ଯୁକ୍ତ ଦୁଇ ପଢ଼ି ସାରିଲା ପରେ ବେଶୀ ମାର୍କ ଥିବାରୁ ଅମିତ୍‌କୁ ପୋଷ୍ଟ ମାଷ୍ଟର ଚାକିରି ମିଳିଲା। ଅମିତ୍ ବାପା ପାଖକୁ ଯାଇ କହିଲା ବାପା ମୁଁ ସଫଳ ହେଲି । ବାପା କହିଲେ.. ବାବୁ ଅମିତ୍ ତୁ ଚାକିରି ପାଇଛୁ ସଫଳ ପାଇନୁ, ଜୀବନ ଏକ ଦୀର୍ଘ ମୂଳକ ବହି ଭଳି ଯାହାର ପ୍ରତ୍ୟେକ ଏକ ଫର୍ଦ୍ଦ କିଛି ନୂଆ ପରିବର୍ତ୍ତନ କରି ଦେଇଥାଏ । ତୋ ପୋଷ୍ଟିଂ କେଉଁଠି ? ବାପା ମୋର ଡାକପଦର୍ ଗାଁରେ ପୋଷ୍ଟ ମାଷ୍ଟର ହିସାବରେ ଚାକିରି ମିଳିଛି। ଆଜି ସନ୍ଧ୍ୟାରେ ଟ୍ରେନରେ ଯିବି ।

ଅମିତ୍ ସମସ୍ତଙ୍କୁ ବିଦାୟ ଦେଇ ଟ୍ରେନରେ ଡାକପଦର୍ ଯିବା ପାଇଁ ବାହାରିଲା। ତା ସିଟ୍ ନମ୍ବର ୧୯ । ଏଇଟା ହେଉଛି ଅମିତ୍‌ର ପ୍ରଥମ ଟ୍ରେନ ଯାତ୍ରା । ଟ୍ରେନର ଘଡ଼ ଘଡ଼ ଶବ୍ଦ ଅମିତ୍‌କୁ ନିଦ ଆସୁନି ତେଣୁ ଟ୍ରେନ ଭିତରେ ଏପଟ ସେପଟ ବୁଲି ଦେଖୁଛି। ଦେଖିଲା ୫ ନମ୍ବର ସିଟ୍‌ରେ ଜଣେ ଝିଅ ନଦେଖା ଭଳି କାନ୍ଦୁଥାଏ। ସେ କାହିଁ କାନ୍ଦୁଛି ଜାଣିବା ପାଇଁ ତା ପାଖକୁ ଯାଇ.. ହେଲୋ ଶୁଣନ୍ତୁ ତମକୁ କଣ ହୋଇଛି ବୋଧେ କାନ୍ଦୁଛ କାହିଁକି ?

ସେ ଝିଅ କହିଲା ନା ନା ମୁଁ କାନ୍ଦୁନି ଆଖିରେ କିଛି ପଶି ଯାଇଥିଲା । (ଝିଅ ଦେଖିବାକୁ ବହୁତ ସୁନ୍ଦର ଚନ୍ଦ୍ରମା ଭଳି ତା ଚେହେରା, ବଡ଼ ବଡ଼ ଦି ଆଖି )

ହଉ ଠିକ୍ ଅଛି ତୁମର ନା କଣ ? ଝିଅ କହିଲା ମୋର ନା ରାଜେଶ୍ୱରି। ରାଜେଶ୍ୱରି ସତ କୁହ କାହିଁ ତୁମେ କାନ୍ଦୁଥିଲା ?

(ରାଜେଶ୍ୱରି ଭାବୁଥାଏ ଏଇ ପୁଅଟି କଣ ମୋ ସାଥିରେ ସାଙ୍ଗପଣିଆ ହେଉଛି ମୁଁ ତ ଜାଣିନି ସେ କିଏ କିନ୍ତୁ ତା ମନ କହୁଛି ସବୁ କହିବାକୁ) ଅମିତ୍ ମୁଁ ଛୋଟ ବେଳୁ ବାପାଙ୍କୁ ଦେଖିନି ମା ହିଁ ବାପାର କାମ କରନ୍ତି କଷ୍ଟ କରି ମତେ ପାଠ ପଢ଼ାଉଛନ୍ତି, ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ କରିଛି, ସେଟା ବି ଗାଁରେ ଜଣେ ଝିଅ ମାଆ କେମିତି ଆଗକୁ କାମ କରି ପଢ଼ାଇବ ଚିନ୍ତା ଲାଗେ । ୩ ବୟସ ହେଉଥିଲା ବାପା ବିଷ ପିଇ ଆତ୍ମହତ୍ୟା କରିଥିଲେ ମାଆ ଯେତେ ବର୍ଷ ଠାରୁ ମତେ ଆଉ ବଡ଼ଭାଇକୁ ପାଳୁଛନ୍ତି । ଅନ୍ୟ ଘରକୁ ଭୂତି କରି ଯାଆନ୍ତି।

ହଉ ରାଜେଶ୍ୱରି ମୋ ଷ୍ଟେସନ୍ ଆସିଲା। (କହି ଗାଡିରୁ ଓହ୍ଲାଇଲା) ଅମିତ୍ ଡାକପଦର ପୋଷ୍ଟ ଅଫିସରେ ତାର ଜଏନିଂ ଲେଟର ଦେଇ କାର୍ଯ୍ୟଭାର ସମ୍ଭାଳିଲେ । ମନରେ ସର୍ବଦା ଗୋଟିଏ ପ୍ରଶ୍ନ ବୁଲୁଥାଏ, ସେ ଝିଅ ସାଥିରେ ଆଉ କେବେ କଥା ହେବାକୁ ମିଳିବ କି ନାହିଁ । ଦିନବିତି ୨ ବର୍ଷ ବି ବିତିଗଲା । ଅମିତ୍‌ର ଟ୍ରାନ୍ସଫର୍ ରାମପଦର୍ ପୋଷ୍ଟ ଅଫିସରେ ହେଲା । ଡାକପଦର୍‌ଠାରୁ ରାମପଦର୍ ଯିବା ପାଇଁ ଟ୍ରେନ ବସିଥାନ୍ତି। ଟ୍ରେନରୁ ବାହାରର ଦୃଶ୍ୟ କି ସୁନ୍ଦର ଦିଶୁଥାଏ । ହଠାତ୍ ଅଜଣା ଝିଅଟି ଆସି କହିଲା ହେଲୋ ଅମିତ୍ ଜାଣିଲ ମୁଁ କିଏ ?

ରାଜେଶ୍ୱରୀ ତମକୁ ଆଉ ଥରେ ଦେଖି ବହୁତ ଭଲ ଲାଗିଲା। ଏବେ ତମେ କଣ କରୁଛ ?

ରାଜେଶ୍ୱରୀ କହିଲା ମୁଁ ଏବେ ଯୁକ୍ତ ଦୁଇ ପାସ୍ କରି ସରକାରୀ ଚାକିରୀ ପାଇଁ ପରୀକ୍ଷା ଦେଉଛି କିନ୍ତୁ କଣ କରିବି, ଏତେ କଷ୍ଟ କଲେ ବି ଚାକିରୀ ପାଉନି ।

'ରାଜେଶ୍ୱରୀ ଆମେ ପ୍ରଥମ ଥର ଟ୍ରେନରେ ଦେଖା ହେବା ସମୟରେ ତମେ କାନ୍ଦୁଥିଲ । ଓଃ ଅମିତ୍ ତମେ ସବୁ ମନେ ରଖିଛ। ସେତେବେଳେ ବାପାଙ୍କୁ ବହୁତ୍ ମାନେ ପଡୁଥିଲା କି ବାପା ଥିଲେ ଏତେ ସମସ୍ୟା ହେଉନଥାନ୍ତା । ବିବାହ ବେଳେ ବାପା ଯେଉଁ ସୁନା ଅଳଙ୍କାର ମାଆକୁ ଦେଇଥିଲେ, ସେଇ ସୁନାକୁ ବନ୍ଧା ପକାଇ ମୋତେ ମାଆ ଯୁକ୍ତ ଦୁଇ ନାମଲେଖା କରିଦେଲେ। ମୋ ବଡ଼ଭାଇ ବେକାର ମଦ ପିଏ ଆଉ ଗାଁ ରେ ବୁଲେ । ମାଆ ହିଁ ଘର ପରିବାର ଦେଖୁଛି । ଏଇଟା ଘରକୁ ଫେରୁଛି, ତୁମେ ଟ୍ରେନରେ କୁଆଡେ ଯାଉଛ ଅମିତ୍? ମୁଁ ଡାକପଦର୍ ଅଫିସର ପୋଷ୍ଟ ମାଷ୍ଟର ଥିଲି ଏଇଟା ରାମପଦର୍ ପୋଷ୍ଟ ଅଫିସକୁ ଟ୍ରାନ୍ସଫର୍ ହେଉଛି ତେଣୁ ଯାଉଛି ଏଟା । ଓଃ ତାହେଲେ ତମକୁ ଆମ ଗାଁରେ ପୋଷ୍ଟିଂ ମିଳିଲା ଭଲ ।

ତମ ଗାଁ ରାମପଦର୍ ହିଁ ଭଲ ।

(ଦୁହେଁ ଷ୍ଟେସନ୍ ପହଞ୍ଚି ନିଜ ନିଜ ସ୍ଥାନକୁ ଗଲେ।) ସକାଳ ସମୟ ରାକେଶ (ରାମପଦର୍ ଗାଁର ଜଣେ ପୁଅ ) ତା ଚିଠି ପୋଷ୍ଟ ଅଫିସକୁ ପଠାଇବା ପାଇଁ ଆସିଛି । ଶୁଭ ସକାଳ ପୋଷ୍ଟ ମାଷ୍ଟର ଆଜ୍ଞା, ଏହି ଚିଠିକୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟକୁ ଟିକିଏ ଶୀଘ୍ର ପଠାଇ ଦେବେ ।

ହଉ ଠିକ୍ ଅଛି ରାକେଶ ଭାଇ । ମୋତେ ଟିକିଏ ଗ୍ରାମ ପଞ୍ଚାୟତ ଅଫିସ୍‌କୁ ଯିବାର ଅଛି ମୁଁ ଦେଖିନି, ତମେ ମୋ ସାଥୀ ଟିକିଏ ଯାଇ ପାରିବ କି ?

ଆଜ୍ଞା, ଚାଲନ୍ତୁ ମୋ ଘର ବି ସେ ପାଖରେ ଅଛି ।

(ଦୁହେଁ ସାଙ୍ଗ ଭଳି ସାଥୀ ଗଲେ )

'ରାକେଶ ଭାଇ ଖରାପ ଭାବିବନି କଥାଟେ ପଚରାଇବି ?

'ହଁ କୁହନ୍ତୁ ଆଜ୍ଞା'

ରାଜେଶ୍ୱରୀ କେମିତି ଝିଅ, ତା ପରିବାର ଲୋକେ କେମିତି ?

ଆଜ୍ଞା, ରାଜେଶ୍ୱରୀ ବହୁତ ଭଲ ଝିଅ ଛୁଆ ବେଳୁ କଷ୍ଟ ଦେଖିଛି, ପଢ଼ାପୁଢ଼ିରେ ବହୁତ ଭଲ। ତା ପରିବାର କଥା କହିଲେ ତା ମାଆ ଓ ତା ବଡ଼ଭାଇ। ଛୁଆ ବେଳୁ ବାପା ପ୍ରେମ ପାଇନି। ତା ପାଇଁ ମାଆ ହିଁ ସବୁକିଛି। ତା ବଡ଼ଭାଇ ଜୁଆରିଟେ ମଦ ପିଇ ପିଇ ରାସ୍ତାରେ ପଡ଼ିଥାଏ।

ରାକେଶ ଭାଇ ତମେ କଣ ଭାବିବ ମୁଁ ଜାଣେନି କିନ୍ତୁ କେଜାଣେ ରାଜେଶ୍ୱରୀକୁ ମୋତେ ବହୁତ ପସନ୍ଦ ଲାଗେ । ତୁମ ପାଖରେ ତା ଫୋନ ନମ୍ବର ଅବା କିଛି ଅଛି କି ?

'ନା' ତା ପାଖରେ ଫୋନ ନାହିଁ ଓ ତାଙ୍କ ଘରେ ବି କାହା ପାଖରେ ଫୋନ ହିଁ ନାହିଁ । ବହୁତ ଗରିବ ସେମାନେ, ଆଜ୍ଞା ଆପଣଙ୍କୁ ଫିଟ୍ ହେବ ନାହିଁ ।

ରାକେଶ ଭାଇ ମୋ ପାଇଁ ସମ୍ପର୍କ ବଡ଼ ନା କି ଟଙ୍କା ଘର ଦ୍ୱାର ଅବା ସମ୍ପତି । ରାଜେଶ୍ୱରୀ କେତେ କଷ୍ଟ ସହୁଥିବ ମୁଁ ସାହାଯ୍ୟ କରି ସବୁ ତା'ର କଷ୍ଟକୁ ନିଜର କରିବାକୁ ଚାହେଁ । ତମେ ମୋ ପାଇଁ ରାଜେଶ୍ୱରୀକୁ କିଛି ବାର୍ତ୍ତା ଦେଇପାରିବ ?

ହଁ ଆଜ୍ଞା କୁହନ୍ତୁ...

ତମେ କହିବ ମୁଁ ତାଙ୍କୁ ନିଜର କରିବାକୁ ଚାହେଁ, ସେ କଣ ମୋ ସାଥିରେ ରହିବାକୁ ଚାହାନ୍ତି କି ? ଏତେ କହିବେ ଓ ମୋତେ ଉତ୍ତର କଣ ଦେବେ କହିବ। ଆଉ ଏଇ ଚିଠି ରାଜେଶ୍ୱରୀକୁ ଦେଇ ଦେବ ନିଅ। (ରାକେଶ ଚିଠି ନେଇ କି ଗଲେ... )

ସନ୍ଧ୍ୟା ସମୟ ରାକେଶ ରାଜେଶ୍ୱରୀ ଘର ଆଡ଼କୁ ଗଲେ । ରାଧୁ ଭାଇନା ( ରାଜେଶ୍ୱରୀର ବଡ଼ଭାଇ ) ଏବେ କଣ ଆଉ କରୁଛ । ରାକେଶ କଣ ଆଉ କରିବି ଘରେ ଅଛି ମଦ ପିଉଛି ଆସେ ଟିକିଏ ପିଇକି ଯିବୁ । ନା ଭାଇନା ରାଜେଶ୍ୱରୀ କଣ କରୁଛି କାମ ଟିକିଏ ଥିଲା । ବାରି ଆଡ଼େ ଥିଲା ଯା ଦେଖେ । ଠିକ୍ ଅଛି ଭାଇନା । (ବାରି ଆଡ଼େ ଗଲା) ପାଖକୁ ଯାଇ ରାଜେଶ୍ୱରୀ ତୁମକୁ କଥାଟେ କହିବାର ଅଛି ଖରାପ ଭାବିବୁନି।

ହଁ କହ....

ଅମିତ୍ ପୋଷ୍ଟ ମାଷ୍ଟର ଆଜ୍ଞା, ତମକୁ ପସନ୍ଦ କରନ୍ତି । ତୁମ ସାଥୀ ହେଇ ରହିବାକୁ ଚାହୁଁଛନ୍ତି। ଦୁଃଖ, କଷ୍ଟରେ ସାଥୀ ହୋଇ ରହିବାକୁ ଚାହୁଁଛନ୍ତୁ। ତମର କଣ ଉତ୍ତର କହିବ ଭଲ ଭାବରେ ଭାବି କି । ତୁମ ପାଇଁ ଚିଠି ଦେଇଛନ୍ତି ନିଆ । ଠିକ୍ ଅଛି ଉତ୍ତର ଦେବ ମୋତେ ଏବେ କାମ ଅଛି ଯାଉଛି । (ରାକେଶ ଗଲା..)

ମାଆ ମୁଁ ବାସନ ମାଞ୍ଜି ଦେଲି ଏବେ ମିଲି (ମିଲି ରାଜେଶ୍ୱରୀ ସାଙ୍ଗ) ଘରକୁ ଯାଉଛି...(ଗଲା ) । ଆରେ ମିଲି ଚାଲ୍ ତମର ଛାତ ଉପରକୁ ଯିବା । ଉପରକୁ ଯାଇ ଅମିତ୍ ଦେଇଥିବା ଚିଠିକୁ ପଢିଲା.....

ରାଜେଶ୍ୱରୀ ମୁଁ ଅମିତ୍...

ପ୍ରଥମ ଦେଖା ଟ୍ରେନରେ ହୋଇଥିଲା । ପ୍ରଥମ ଦେଖା ଭୁଲିନି। ଜାଣେନି ତୁମେ ମୋତେ କଣ ଭାବୁଥିବ, କିନ୍ତୁ ତୁମେ ମୋ ପାଇଁ ବହୁତ୍ କିଛି । ଆଧୁନିକ ଯୁଗରେ ପ୍ରେମର ଅର୍ଥ କଳଙ୍କିତ ଅଛି । ମୁଁ ଜାଣେନା ପ୍ରେମ, ଭଲ ପାଇବା । ଛୋଟ ବେଳୁ ଯେମିତି ମାଆ ବାପା ସ୍ନେହ ଯତ୍ନ ନିଅନ୍ତି ସେଭଳି ମୁଁ ତୁମକୁ ସାଥିରେ ଜୀବନର ଶେଷ ପର୍ଯ୍ୟନ୍ତ ସାଥୀ ହୋଇ ଚାଲିବାକୁ ଚାହେଁ। ତୁମର କଷ୍ଟ, ଦୁଃଖ ସବୁ ଜାଗାରେ ଭାଗିଦାରୀ ରହିବାକୁ ଚାହେଁ ।

'ଯଦି ଜୀବନ ଏକ ପ୍ରକାର ପୁସ୍ତକ ହୁଏ, ମୁଁ ସେ ବହିର ପ୍ରଥମରୁ ଶେଷ ଫର୍ଦ୍ଦ ଯାଏଁ ରହିବାକୁ ଚାହେଁ ।' ମୁଁ ଜାଣିଛି ଛୋଟ ବେଳୁ ତମେ ତମ ବାପାକୁ ଦେଖିନ । ଯଦି ତମେ ହଁ କହୁଛ ତେବେ ରାକେଶ ଭାଇ ଠୁଁ ମୋ ନମ୍ବର ମାଗି ନେବ । ତୁମ ପାଠପଢ଼ାରେ କୌଣସି ଅସୁବିଧା ହେବନି । ତୁମେ ଯାହା ଚାଂହ ପଢ଼ ମୁଁ ସାହାଯ୍ୟ କରିବି ସାଥୀ ହୋଇ ସାରା ଦୁନିଆଁ ଦେଖିବା । ପ୍ରେମ କେବେ ବାନ୍ଧେ ନାହିଁ ବରଂ ଆଜାଦି ଦିଏ ଉଡିବାକୁ ସାଥିରେ ସୁନ୍ଦର ସଫର୍ ଯିବା ପାଇଁ ଉଦ୍ଦେଶ୍ୟ ଦିଏ । ତୁମର ପାଠପଢ଼ାରେ ଆମର ପ୍ରେମକୁ ଡିଷ୍ଟପ୍ କରିବାକୁ ଦେବିନୀ, ସାଙ୍ଗରେ ନୂଆ ନୂଆ ସଫଳତା ଦେଖିବା ।

(ତୁମର ଅମିତ୍ ... )

( ଚିଠି ପଢ଼ି ସାରି ମନ ରେ ବହୁତ୍ ଭାବିଲା ରାଜେଶ୍ୱରୀ.. )

ସକାଳର ସମୟ ଆଜି ପୂର୍ଣ୍ଣ ଚନ୍ଦ୍ରମାର ଦିନ। ଅମିତ୍ ସକାଳୁ ଜଗନ୍ନାଥଙ୍କର ମନ୍ଦିର ଯିବାକୁ ବାହାରିଛି ସାଥିରେ ରାକେଶ । ମନ୍ଦିରକୁ ପ୍ରବେଶ କଲେ । ଆକାଶୀ ରଙ୍ଗର ନୀଳ ଶାଢ଼ୀ ପିନ୍ଧି ଝିଅ ଟେ ପୂଜା କରୁଥାଏ । ଅମିତ୍ ଦେଖିଲା, ସେ ଝିଅ ଆଉ କିଏ ନୁହଁ 'ରାଜେଶ୍ୱରୀ'। ହୋଇପାରେ ଚନ୍ଦ୍ରମା ଖାଲି ରାତିରେ ଉଦୟ ହୁଏ,କିନ୍ତୁ ଆଜି ସକାଳୁ ପୂର୍ଣ୍ଣ ଚନ୍ଦ୍ରମାର ଦର୍ଶନ କଲି । ମନ ଆଜି ଆନନ୍ଦିତରେ ଭରି ଯାଉଛି । ପୂଜା ସାରି ରାଜେଶ୍ୱରୀ ମୋ ଆଡେ ଚାଲି ଆସୁଛି, ମୋ ଜୀବନଟା ଧକ୍ ଧକ୍ ଲାଗୁଥାଏ । ଚାଲି ଆସି କହିଲା, ଅମିତ୍ ମନ୍ଦିରର ଉଦ୍ୟାନ ଆଡ଼କୁ ଯିବା ଚାଲ । ଦୁହେଁ ଉଦ୍ୟାନ ଆଡ଼େ ଗଲୁ ।

ଅମିତ୍ ତମର ଚିଠି ପଢିଲି । କେମିତି କାହିଁକି ମୁଁ ଜାଣେନା କିନ୍ତୁ ତମେ ମୋତେ ବହୁତ ଭଲ ଲାଗ । ତମେ ତ ଜାଣିଛ ଛୁଆ ବେଳୁ ବାପାଙ୍କୁ ଦେଖିନି, ମାଆ ହିଁ ପାଳିଛି ମତେ ।

ରାଜେଶ୍ୱରୀ ତୁମକୁ ଭଲ ଭାବରେ ଜାଣିଛି, ତୁମେ ବହୁତ କଷ୍ଟ କରି ପାଠ ପଢ଼ିଛ ଆଉ ମୁଁ ବି ଚାହେଁ, ଜୀବନରେ ଶୀଘ୍ର ସଫଳତା ପାଅ ।

ଠିକ୍ ଅଛି ଅମିତ୍ ମୋ ପାଖରେ ଫୋନ ନାହିଁ, ସାଙ୍ଗ ଠୁଁ ପାଇଲେ ଟିକେ ଟିକେ ଫୋନ କରୁଥିବି । କଣ କରିବି ଫୋନ ନାହିଁ ତେଣୁ ଭଲ ଭାବରେ ପଢ଼ି ପାରୁନି,ସରକାରୀ ଚାକିରୀ ବିଷୟରେ ସୂଚନା ପାଉନି । ଆଣି ବି ଶୀଘ୍ର, ହଉ ଆସୁଛି ଅମିତ୍ କହି ରାଜେଶ୍ୱରି ସେଠୁ ଚାଲି ଗଲା ।

ରବିବାର ଦିନ ଆଜି ଅମିତ୍‌ର ଅଫିସ୍ ଛୁଟି ଦିନ ଥିବାରୁ ରାକେଶ ଓ ସେ ଉଦ୍ୟାନ ଆଡ଼େ ବୁଲିବାକୁ ଯାଇଛନ୍ତି ।

'ରାକେଶ ଭାଇ ମୁଁ ଗୋଟିଏ କଥା ଭାବୁଥିଲି ରାଜେଶ୍ୱରୀ ପାଖରେ ଫୋନ ନାହିଁ । ସେ ଭଲ ଭାବେ ପଢ଼ି ପାରୁନଥିବ, ତେଣୁ ଫୋନ ଟେ ଗିଫ୍ଟ କଲେ କିପରି ହୁଅନ୍ତା। ସେ ଭଲ ଭାବେ ୟୁଟ୍ୟୁବରେ ପଢ଼ି ପାରନ୍ତା ଓ ଆମେ କେତେବେଳେ କଥାବାର୍ତ୍ତା ବି ହୋଇପାରନ୍ତେ। ଏହି ମାସର ଦରମା ଘରକୁ ପଠେଇବା ଥିଲା କିନ୍ତୁ ଆଗାମୀ ମାସରେ ପଠାଇ ବି ଏବେ ରାଜେଶ୍ୱରୀ ପାଇଁ ଫୋନ କିଣିଥିବି ।

ଅମିତ୍ ଆଜ୍ଞା, ରାଜେଶ୍ୱରୀ ବହୁତ ଭାଗ୍ୟବାନ ଆପଣଙ୍କ ଭଳି ସ୍ୱାମୀ ପାଇବ। 'ନା, ରାକେଶ ମୁଁ ଭାଗ୍ୟବାନ ତାଙ୍କ ଭଳି ସ୍ତ୍ରୀକୁ ପାଇବି। ଚାଲ ଭାଇ ମାର୍କେଟରୁ ଫୋନ କିଣି ଦେବା। (୨୦ ହଜାର ଦେଇ ଫୋନ କିଣି ରାକେଶ ସାହାଯ୍ୟରେ ସେ ଫୋନ ରାଜେଶ୍ୱରୀକୁ ଦେଲେ । )

(ରାଜେଶ୍ୱରୀ ପ୍ରଥମ କରି ଅମିତ୍‌କୁ ସେ ଫୋନରେ କଲ୍ କରୁଛନ୍ତି ) ହେଲୋ, ଅମିତ୍ ତମକୁ ନାମ ଧରି ଡାକିଲେ ଭଲ ଲାଗୁନି, ପ୍ରଥମେ ଫୋନ ପାଇଁ ହୃଦୟରୁ ଧନ୍ୟବାଦ । ଆଜିଠୁ ତମକୁ 'ଅମୁ' ବୋଲି ସମ୍ବୋଧନ କରିବି।

ଓଃ ଭଲ ହେବ ମୁଁ ବି ତୁମକୁ 'ରାଣୀ' ବୋଲି ଡାକିବି ।

ରାଣୀ ତମ ପାଇଁ ପଦେ କହୁଛି ଶୁଣ....

।। ତୋ ପାଇଁ ଦିନ ରାତି ନିଦ ନାହିଁ
ଖରାରେ ଗରମ ନାହିଁ
ବର୍ଷାରେ ପାଣି ନାହିଁ
ଶୀତରେ ଥଣ୍ଡା ନାହିଁ
ତୋ ବିନା ଜୀବନରେ ଖୁସି ନାହିଁ ।।

ହାଃ ହାଃ ହାଃ ତମ ପଦେ ବହୁତ୍ ମଜାଳିଆ 'ଅମୁ' । ରାଣୀ ତମେ ଆଉ ମଜାକ୍ ଉଡ଼ନି, ତମେ ମୋ ପାଇଁ ବହୁତ୍ ଜରୁରୀ, କାରଣ ମୋତେ ଲାଗେ ଏହି ଦୁଃଖଦାୟକ ଦୁନିଆରେ ତମେ ହିଁ ମତେ ଲକ୍ଷ୍ୟ ପଥ ଦେଖାଇବ ।

ଅମୁ ଜାଣିଛ ମୁଁ ଏବେ ରାତି ସାରା ଶୋଇପାରୁନି,ତମ ବିଷୟରେ ଭାବିଭାବି ରାତି କଟି ଯାଉଛି । ରାଣୀ ତମ ମାଆ କେମିତି ଅଛନ୍ତି।

ମାଆକୁ ଜ୍ୱର ହେଉଛି ଆଜି ଭାଇ ସାଙ୍ଗରେ ହସ୍ପିଟାଲ ଯାଇଥିଲେ । ମାଆ ବି ବହୁତ୍ କାମ କରୁଛି । ଆମକୁ ପାଳୁଛି । କାଲି ମୋର ନର୍ସ ଚାକିରୀ ପାଇଁ ପରୀକ୍ଷା ଅଛି ।

ରାଣୀ ତମକୁ 'ଅଲ ଦି ବେଷ୍ଟ' ଭଲ ସେ ପରୀକ୍ଷା ଦେବ । ଅମୁ ଖାଲି ମୋ ଚାକିରୀଟା ହେଇଯାଉ ଘରେ ମାଆ କୁ ଆମ ବିବାହ ପାଇଁ କହିବି । ନର୍ସ ପରୀକ୍ଷା ସରିବା ପରେ ୫ ଦିନ ମାମୁଁ ଘରେ ରହିବି ତା ପର ଦିନ ଘରକୁ ଆସିବି।

( ପାଞ୍ଚ ଦିନ ପରେ...)

ରାଜେଶ୍ୱରୀର ନର୍ସ ଚାକିରୀରେ ନିଯୁକ୍ତି ମିଳିଯାଇଛି । (ଅମିତ୍ କଲ୍ କଲେ ରାଜେଶ୍ୱରୀକୁ..) ହେଲୋ ରାଣୀ ଚାକିରିର ହାର୍ଦ୍ଦିକ ଶୁଭକାମନା। କଣ ଆଉ ମିଠା କେବେ ଦେବ। ଦରମା କେତେ ଅଛି ।

ଅମୁ ଦରମା ୩୫ ହଜାର ଟଙ୍କା ରହିଛି । ଭଲ ଦରମା ଅଛି ଆସନ୍ତାକାଲି କଥା ହେବା ଘରକୁ ଯିବି । (ଏତେ କହି କଲ୍ କାଟି ଦେଲେ)। (ତା ପରେ ରାକେଶ ଆସିଛି ..)

ଅମିତ୍ ଆଜ୍ଞା, କଣ ପାଇଁ ଆପଣଙ୍କ ଚେହେରା ଶୁଖା ରଖିଛନ୍ତି । ରାଜେଶ୍ୱରୀ ନର୍ସ ଚାକିରୀ ପାଇଲା ଏତେ ଖୁସି କଥା । ରାକେଶ ଭାଇ ମୁଁ ବହୁତ ଖୁସି କିନ୍ତୁ ମୋତେ ଗୋଟିଏ ଚିନ୍ତା ଘାରୁଛି ।

'କ'ଣ ଆଜ୍ଞା ...

ମୋର ଚାକିରୀ ଦରମା ୧୮ ହଜାର ଟଙ୍କା ରାଜେଶ୍ୱରୀଙ୍କର ୩୫ ହଜାର ଟଙ୍କା । ମୋତେ ଡର ଲାଗୁଛି ତାଙ୍କ ଘରେ ଆଉ ବଡ ଘର ଦେଖିବାକୁ ଚେଷ୍ଟା କରିବେ ବିବାହ ପାଇଁ ।

ଅମିତ୍ ଆଜ୍ଞା, ଆପଣ ଚିନ୍ତା କରନ୍ତୁ ନାହିଁ ଆଗରୁ ଯେମିତି ଖୁସିରେ ଦିନ ଯାଉଥିଲା ସେମିତି ଆଗକୁ ବି ଖୁସିରେ ସମୟ ଆସିଯିବ । ଆଉ ଖୁସି ଖବରଟେ ଦେବି ମୋର ବି ଭୁବନେଶ୍ୱର ରେ ଏଲେଟ୍ରି ଅଫିସରେ ଚାକିରୀ ହୋଇଯାଇଛି, ଆସନ୍ତାକାଲି ଯୋଇନିଂ ଆଜି ହିଁ ବାହାରି ଯିବି...

ଶୁଭେଚ୍ଛା ଭାଇ.. ରାକେଶ ।

(ପାଞ୍ଚ ବର୍ଷ ପରେ.....)

ରାକେଶ ତାର ଚାରି ବର୍ଷର ପୁଅକୁ ଚୁଟି କାଟିବା ପାଇଁ ସେଲୁନରେ ନିଜର ନମ୍ବର୍‌ର ଅପେକ୍ଷା କରିଥାଏ । ରାକେଶ ଦେଖିଲା, ସାମ୍ନାରେ ଥିବା କିରାଣୀ ଦୋକାନରେ ଜଣେ ବ୍ୟକ୍ତି କିଛି କିଣୁଥାଏ । ଚିହ୍ନା ଚିହ୍ନା ଲାଗୁଛି ଶେଷରେ ଦୌଡ଼ି ଯାଇ ଅମିତ୍ ଆଜ୍ଞା ଏଇଟା ଆପଣ ! କେବେଠୁ?

ରାକେଶ ଭାଇ ଏଇ ବର୍ଷ ହିଁ ଏଠାକୁ ଆସିଛି।

ହଉ ଆଜ୍ଞା ଛାଡ଼ ସବୁ କଥା ରାଜେଶ୍ୱରୀ ବି ଆସିଛି କି ? ନା ଚାଲ ଆମ ଘର ପାଖରେ ଅଛି ଯିବା,ଏଇଟା ମୋ ପୁଅ ବବଲୁ ।

( ରାକେଶର ଘରକୁ ଗଲେ ..)

ରାକେଶ ଭାଇ ଘର ଟେ ତୋ ବହୁତ ସୁନ୍ଦର ଭାବେ ତିଆରି କରିଛ । ଆଜ୍ଞା ସବୁ ଭଗବାନଙ୍କ କୃପା, ଚାହା ନା କଫି ପିଅନ୍ତି ଆପଣ । ଚାହା ପିଏ । ହଉ ଜାନକୀ ଶୁଣ ଅମିତ୍ ଆଜ୍ଞା ଆସିଛନ୍ତି, ଚାହା ଟିକେ କରିକି ଆଣି ଦିଅନ୍ତୁ । (ଜାନକୀ ହେଉଛନ୍ତି ରାକେଶର ସ୍ତ୍ରୀ )ଚାହା ଆଣି ଦେଲେ ପି ସାରି... ।

ଅମିତ୍ ଆଜ୍ଞା, ରାଜେଶ୍ୱରୀ ଓ ଆପଣଙ୍କ ବିବାହକୁ କହିଲେ ବି ନାହିଁ, କେମିତି ସବୁ ହେଲା କୁହନ୍ତୁ ? ରାଜେଶ୍ୱରୀ ଭଲ ଅଛି ନା ନାହିଁ ?

ରାକେଶ ଭାଇ କଣ ଓ ତମକୁ କହିଥାନ୍ତି, ତମେ ଭୁବନେଶ୍ୱର ରେ ଚାକିରି କରୁଛ । ଏହି ପାଞ୍ଚ ବର୍ଷ ଭିତରେ ବହୁତ୍ କିଛି ଘଟିଯାଇଛି । ତମେ ଭୁବନେଶ୍ୱର ଆସିଲା ପରଠୁ କହୁଛି ...

ରାକେଶ ତୁମେ ଭୁବନେଶ୍ୱର ବାହାରି ଗଲାପରେ ମୋତେ ରାଜେଶ୍ୱରୀର ଫୋନ ଆସିଲା । ସେ କହିଲା ଏହି ତମେ ଦେଲା ଫୋନ କେତେ ଟଙ୍କା ପଡ଼ିଥିଲା କୁହ, ପଠାଇ ଦେବି (ଏହା ଶୁଣି ମୋତେ ଲାଗିଲା ଯେମିତି ମୋ ଠୁଁ ସମ୍ପର୍କ ଭାଙ୍ଗିବା ପାଇଁ ଚେଷ୍ଟା କରୁଛି) କହିଲି... ମୁଁ କଣ ପଇସା ମାଗୁଛି, କେବେ କହୁଛି ଏହି ବାବଦରେ ସମ୍ପର୍କ କେବେ ହିସାବ କରେନି ଆଉ କଲେ ସେଇଟା । ସମ୍ପର୍କ ନୁହଁ । କଣ ହେଲା କାହିଁକି ଏମିତି ପଇସା କଥା କହୁଛ। ସେ କହିଲା .. ନାହିଁ କିଛି କଥା ନୁହଁ ସେମିତି କହୁଛି ତମ ବ୍ୟାଙ୍କରେ ୨୦ ହଜାର ପଠାଇ ଦେଇଛି । (ମୋତେ ଲାଗିଲା ମୋର ଦରମା କାମ ତେଣୁ ସେ ଅଲଗା ବଡ଼ ଚାକିରିଆ ବ୍ୟକ୍ତି ଖୋଜୁଥିବ ଯେମିତି ବିଡ଼ିଓ, ତହସିଲଦାର ଭଳି) ମୋର କଣ ଭୁଲ ଅଛିକୁ କହ । ସେ କହିଲା ନା ଠିକ୍ ଅଛି ମୁଁ ଫୋନ ରଖୁଛି ବଡ଼ଭାଇ ଆସିଲାଣି । (ଏତେ କହି ଫୋନ କାଟି ଦେଲେ..)

ଅଜ୍ଞା, ଏତେ କଥା ହେଇଗଲା ଆଉ ଆପଣ ମୋତେ କିଛି କହି ନାହିଁ । ମୁଁ ରାଜେଶ୍ୱରୀକୁ ଭଲ ଝିଅ ଭାବୁଥିଲି କିନ୍ତୁ ଏମିତି ହେବା ବୋଲି କେବେ ଭାବି ନଥିଲି । ଯିଏ ଦୁଃଖ ବେଳେ ସାଥୀ ହୋଇ ଠିଆ ହେଲା ତାକୁ ସଫଳ ହେଲାପରେ ଛାଡ଼ି ଦେଲା ଛି...ଛି...ଏମିତି ଝିଅକୁ.... ।

ରାକେଶ ତମେ ରାଜେଶ୍ୱରୀକୁ ଭୁଲ୍ ଭାବୁଛ ପୁରା କଥା ଶୁଣନ୍ତୁ...।

ମୁଁ ବି ସେମିତି ଭାବୁଥିଲି । ସେଥିପାଇଁ ସନ୍ଧ୍ୟା ବେଳେ ମିଲିକୁ ମୋତେ ଡାକିବା ପାଇଁ ପଠାଇ ଥିଲେ। ମୁଁ ଗଲି ରାଜେଶ୍ୱରୀ ଚୌକିରେ ବସିଥିଲେ । ତାଙ୍କର ପାଦ ଧରିବାରୁ ସେ କାନ୍ଦି ପକାଇ କହିଲେ....

ବୁଝିବାକୁ ଚେଷ୍ଟା କର ଅମିତ୍ । ଘରର ଅବସ୍ଥା ଠିକ୍ ନାହିଁ । ବଡ଼ଭାଇ ଓ ମାଆ ମୋତେ ମନା କରୁଛନ୍ତି ତମ ସହ କଥା ହେବାକୁ ମୋ ପାଇଁ ତାଙ୍କ ପାଖରେ ବଡଘର ରିଷ୍ତା ଆସିଛି । ମୋତେ ଏତେ କଷ୍ଟକରି ପାଳିଛି ତାକୁ କେମିତି କହିବି ମୋ ହୃଦୟ କାନ୍ଦୁଛି ଆଉ ତମ ପାଇଁ ବି ତମେ ଦୁଃଖ ବେଳୁ ମତେ ହାତ ଧରି ଉପରକୁ ଚଢ଼ାଇଛ, ବୁଝୁଛି ତମେ ମୋତେ କଣ ଭାବୁଥବ। କିନ୍ତୁ ମୁଁ ହେଲେ କଣ କରିବି ....? ମାଆକୁ ସବୁ କହିଲି କିନ୍ତୁ ସେ ବୁଝିଲାନି । ଆମକୁ ଦୂରେଇ ହେବାକୁ ପଡିବ । ମୋତେ ଭୁଲ୍ ବୁଝିବନି ତମେ ମୋ ପାଇଁ ସେହି ସମ୍ପର୍କ ଯାହା ଜୀବନର ଶେଷ ଯାଏଁ ଭୁଲିହେବ ନାହିଁ । କ୍ଷମା କରିଦେବ ମୋ 'ଅମୁ' ।

ରାକେଶ ଭାଇ ମୋ ପାଖରେ କିଛି ଉତ୍ତର ନ ଥିଲା ତେଣୁ ଚୁପ୍‌ରେ ସେଠୁ ପଳେଇ ଆସିଥିଲି ଦୁଃଖରେ... ।

ଦୁଇ ଦିନ ପରେ ମୋ ଘରକୁ ପୋଲିସ ଆଉ ରାଜେଶ୍ୱରୀର ବଡ଼ଭାଇ । କାହିଁ କଣ ପାଇଁ ଆସିଛନ୍ତି କିଛି ଭାବିପାରୁନଥିଲି । ମୋତେ ଧରି ପୋଲିସ ଷ୍ଟେସନ୍‌କୁ ନେଲେ ।

ପୋଲିସ କହିଲା.... ତମେ ସରକାରୀ ଚାକିରୀ କରୁଛ ତେଣୁ ଭଲ ଭାବରେ କହୁଛି, ଝିଅର ବଡ଼ଭାଇ ସାଙ୍ଗରେ ରାଜିନାମା ହୁଅ ଛାଡ଼ିଦେବି ଏଫ୍. ଆଇ. ଆର୍ କରିବି ନାହିଁ।

ମୁଁ କହିଲି... କଣ ହେଲା ମୁଁ ତ କିଛି ଜାଣିନି କାହିଁକି ମୋତେ ଏଠାକୁ ଆଣିଛନ୍ତି ।

ପୋଷ୍ଟ ମାଷ୍ଟର ବାବୁ ବେଶୀ ଅଭିନୟ କରନ୍ତୁ ନି.. ତମେ

ରାଜେଶ୍ୱରୀକୁ ବିଷ ପିଇବାରେ ବାଧ କରିଛ ସେ ଆଉ ନାହିଁ ମରି ଗଲେ ..... ।

ମୁଁ କିଛି ଭାବିପାରୁନି । ପୋଲିସ ଯାହା କହିଲେ ବିଶ୍ୱାସ କରି ପାରୁନି । ରାଜେଶ୍ୱରୀ ମୋ ପାଇଁ କଣ ସେମାନେ କଣ ବୁଝିବେ। ମୋ ମନ କାନ୍ଦି କାନ୍ଦି ନିଃଶ୍ୱାସହୀନ ଭଳି ଲାଗୁଥାଏ। ଭୁଲ ନ ଥାଇ ବି ମୋତେ ରାଜେଶ୍ୱରୀର ବଡଭାଇକୁ ୨ ଲକ୍ଷ ଟଙ୍କା ଦେବାକୁ ପଡ଼ିଲା ଆଉ ମୋ ଚାକିରୀ ବି ଗଲା । ରାଜେଶ୍ୱରୀର ଘଟଣା କଣ,କାହିଁକି ଏମିତି କଲେ ମୁଁ କିଛି ବୁଝିପାରୁ ନଥିଲି । ଯାହା କରିନି ତଥାପି ସେ କଳାଦାଗ୍ ରହିଗଲା । 'ମୁଁ ରାଜେଶ୍ୱରୀ ସହିତ ଜୀବନର ପ୍ରତ୍ୟେକ ଫର୍ଦ୍ଦରେ ରହିବାକୁ ଚାହୁଁଥିଲି କିନ୍ତୁ ଏହି ଫର୍ଦ୍ଦ ଅଧା ରହିଗଲା' । ଗାଁ ଛାଡି ଭୁବନେଶ୍ୱର ଆସିବା ବାଟରେ ମିଲିକୁ ଭେଟିଲି, ସେ ସବୁ ଘଟଣା ବୁଝାଇ ଦେଲା... ଯେତେବେଳେ ସନ୍ଧ୍ୟାରେ ମୁଁ ଓ ରାଜେଶ୍ୱରୀ ମିଲି ଘର ଭିତରେ ଥିଲୁ, ସେତେବେଳେ ତା ବଡ଼ଭାଇକୁ ଆମକୁ ଘର ଭିତରକୁ ଯିବାର ଦେଖି ତା ମନରେ ଦୁଃଭାବନା ଭାବି ଦେଇ ରାଜେଶ୍ୱରୀ ର ଭାତରେ ବିଷ ଦେଇଥିଲେ । ଟଙ୍କା ପାଇଁ ସବୁ ଅପରାଧ ମୋ ଉପରେ ଢାଳି ଦେଲେ...। ପ୍ରଶ୍ନ ନିଜ ଭାଇ ହେଇ ଏମିତି କାର୍ଯ୍ୟ ଯାହା ଦୁଃଖ ଠୁଁ ବେଶୀ ଅପମାନ୍ ହେବାର ପ୍ରଶ୍ନ । ଏଠିରେ ଭୁଲ କାହାର ପ୍ରଶ୍ନ ନୁହଁ । ଭଗବାନଙ୍କର ସୃଷ୍ଟି ତଥାପି ଏତେ ଭୁଲ କାହିଁ ? ଯଦି ଭଲ ପାଇବାରେ ଭୁଲ ଥାଏ କାହିଁ ମହାଦେବ ପାର୍ବତୀଙ୍କ ପ୍ରେମର ଉଦାହରଣ ଦିଆଯାଏ ।

ଅମିତ୍ ଆଜ୍ଞା, ଏତେ କଣ ହେଇକି ବି ଆପଣ ଖୁସିରେ ଅଛନ୍ତି ? ରାକେଶ ଭାଇ ମୋ ଜୀବନରେ ଯେତେ ସମୟ ବି ରାଜେଶ୍ୱରୀ ଥିଲେ ସେଇ ସମୟକୁ ଭାବି ଭାବି ମୁଁ ମୋ ଜୀବନ ସେଇ ଗୋଟଏ ଫର୍ଦ୍ଦ କରି କି ସେଠାରେ ରହି ଯାଇଛି ତେଣୁ ଖୁସି ଲାଗେ । ସେ ନାହିଁ କିନ୍ତୁ 'ମୋ ଜୀବନର ଅକୁହା ଫର୍ଦ୍ଦ ଭଳି ଜୀବନ ସାରା ରହିଯିବେ । ଏବେ ମୁଁ ଭୁବେଶ୍ୱରରେ ସିକ୍ୟୁରିଟି ଗାର୍ଡ ଚାକିରୀ କରୁଛି । ରାଜେଶ୍ୱରୀ କହୁଥିଲେ କେବେ ହାରିବନି ସେ ମୋତେ କେବେ ହାରିବାକୁ ଦେବେ ନି.. । ଅମିତ୍ ଆଜ୍ଞା, ଆପଣ ମହାନ୍ ନା ରାଜେଶ୍ୱରୀ ପାଇଁ ଆପଣ ମହାନ୍ । ଏ ଦୁନିଆ ଆପଣଙ୍କ ପ୍ରେମରୁ କିଛି ଶିଖିବାର କଥା । ସମ୍ପର୍କ କେବେ ମରେନି ଶେଷ ହୁଏ ତା ଖାଲି ଜୀବନ ଓ ଶରୀର । ଜୀବନର ପ୍ରତେକ ଫର୍ଦ୍ଦ କେବେ ସମାନ ହୁଏ ନି କେବେ ଦୁଃଖ ଫର୍ଦ୍ଦ କେବେ ସୁଖର ଫର୍ଦ୍ଦ ଆସେ । ଏଇତ 'ଫର୍ଦ୍ଦ'।

+ରେଗଡା, କର୍ଲାମୁଣ୍ଡା,କଳାହାଣ୍ଡି
ପିନ୍ - ୭୬୬୧୦୨
ମୋ ୬୩୭୧୮୨୭୦୩୧

ସୁନନ୍ଦା ମହାନ୍ତି



# ସେବତୀର ଅଧୁରା ସ୍ୱପ୍ନ



ସେବତୀ ତା ଜେଜେମାଆ ପାଖକୁ ଟିକେ ଘୁଞ୍ଚିଯାଇ କହିଲା ମୁଁ ପାଠ ପଢିବାକୁ ସ୍କୁଲ ଯିବି ମାଆ। ମୋ ସାଙ୍ଗର ପିଲାମାନେ କିଏ ପାଠ ନପଢି ରହିଛି କହିଲୁ ମାଆ ? ତୁ ସବୁବେଳେ କହୁଛୁ ମୋ ନାମ ଲେଖେଇ ଦେବୁ ହେଲେ ନାମ ଲେଖାଉନୁ। ଆଜି ଅଗଷ୍ଟ ପନ୍ଦରରେ ପିଲାମାନେ ସଫା ଡ୍ରେସ ପିନ୍ଧି ହାତରେ ଗୋଟେ ଗୋଟେ ତ୍ରିରଙ୍ଗା ପତାକା ଧରି ସ୍କୁଲ ଯାଉଛନ୍ତି। ମୋର ମଧ ଯିବାକୁ ଖୁବ ଇଛା ହେଉଛି ମାଆ।

ଜେଜେମା ବାର୍ଦ୍ଧକ୍ୟରେ ହାରିଯାଇନଥିଲା। ମାଆ ବାପା ଛେଉଣ୍ଡ ଝିଅଟାକୁ ଏଡେଟିଏ କରିବାରେ କେତେ କଷ୍ଟ କରିଛି। ସେବକୁ ତାର ମଣିଷ ପରି ମଣିଷ କରିବାକୁ ଏ ସନ ନିଶ୍ଚୟ ପଢେଇବ। ଅଙ୍ଗନବାଡି ଦିଦିଠୁ ମାଗି ଆଣିଛି ଖାତା ସିଲଟ ବହି ଓ କଲମ। କୋଳକୁ ନେଇ ସେବକୁ କେତେ ଗେଲ କରି ସେହି ସବୁ ଦରବ ଦେଲା ଆଉ କହିଲା ମୋ ମାଆଟା ପରା ଆଜି ଅଧିକା ମୁଢି ଦିଟା ଭାଜିଛି। ତୁ ପାଖ ଷ୍ଟେସନକୁ ଯାଇ ବିକିକି ପଇସା ଆଣିଲେ ତୋ ଲାଗି ନୂଆ ପୋଷାକ ଓ ମୋ ପାଇଁ ଔଷଧ ଟିକେ ଆଣି ଖାଇବା ପରେ ଏଥର ମୋ ଅଣ୍ଟା ଭଲ ହୋଇଗଲେ ମୁଁ ଷ୍ଟେସନ ଚାଲିଯିବି ତୁ ଅଙ୍ଗନବାଡିରେ ପାଠ ପଢ଼ିବୁ, ମୋ ମାଆଟା ପରା।

ବହି ଖାତା ସିଲଟ ଓ ପେନ ଦେଖି ଖୁସି ହୋଇଗଲା ସେବ। ବ୍ୟାଗରେ ସେସବୁ ଭରି ଗୋଟେ କାନ୍ଧରେ ଗଳେଇଲା ସେବ ଓରଫ ସେବତୀ ଆଉ ମୁଢି ଟିଣ ମୁଣ୍ଡରେ ଭରି ଚାଲିଲା ଷ୍ଟେସନ। ଜେଜେମାଆ ପଛରୁ କହୁଥିଲା ପାଣି ବୋତଲ ଆଉ ବିସ୍କୁଟ ନେଲୁନି। ସେବ କହୁଥିଲା ଭୋକ ହେଲେ ମୁଢି କିଛି ଅଣ୍ଟିରେ ଢାଳି ଖାଇନେବି। ଆଉ ଶୋଷ ହେଲେ ଷ୍ଟେସନରେ ଲାଗିଥିବା ଆକ୍ୱାଗାର୍ଡ୍ ପାଣି ପିଇ ନେବି ତୁ ବ୍ୟସ୍ତ ହେନା ଜେଜେମାଆ। ପ୍ରକୃତରେ ସେବକୁ କିନ୍ତୁ ଭୋକ ଶୋଷ ନଥିଲା। ବହି ଖୋଲି ଦେଖିବାକୁ ମନ ଅସମ୍ଭାଳ ହେଉଥିଲା। ଜେଜେମା ପଛରୁ କହୁଥିଲା ସଞ୍ଜ ପୂର୍ବରୁ ଫେରିଆସିବୁ ସେବ। ଯିବା ବାଟକୁ ଚାହିଁ ରହି ଅଦୃଶ୍ୟ ହେବା ପରେ ସେବ, ଜେଜେମା ଲାଗିଗଲା ତା କାମରେ ଓ ତା ଭିତରେ ଦିବାସ୍ୱପ୍ନରେ। ସେବ ବଡ଼ ହେବ। ପାଠ ପଢି ଚାକିରୀ କରିବ। ଭଲ ଘର ବର ଦେଖି ବାହା କରିବ ତାକୁ ତା ଜେଜେମା। ବୟସର ଅପରାହ୍ନରେ ବା ଭାରରେ ହାରିଯାଇନି ଜେଜେମା। କେତେ ଆଶା କେତେ ସ୍ୱପ୍ନ। ରାତି ପାହି ଆସିବ ନିଶ୍ଚୟ ସେବ, ବଡ଼ ହୋଇଯିବ ଚାହୁଁ ଚାହୁଁ।

ବେଳ ବୁଡି ମୁହଁ ସଞ୍ଜ ହେଉ ହେଉ ସଞ୍ଜର ବୟସ ବଢ଼ି ରାତି ହେଲା କିନ୍ତୁ ସେବ ଫେରିଲାନି। ଗାଁରେ କୁହାକୁହି ହେଲେ ଟ୍ରେନ ଦୁର୍ଘଟଣା ଘଟିଛି। କାନ୍ଦୁଣୀ ମାନ୍ଦୁଣୀ ହୋଇ ବୁଢ଼ୀ ଦୌଡ଼ିଲା ଷ୍ଟେସନ। ହେ ଦେବୀ ମାଆ ମୋ ସେବକୁ ରକ୍ଷା କର। ସେବ ତ ମୋର ଟ୍ରେନରେ ଯାଉନଥିଲା ତାର କାଇଁ କଣ ହେବ। ମୋ ଅରକ୍ଷିତ ନାତୁଣୀକି ସହାୟ ହୁଅ ମାଆ ଦୁର୍ଗା। ଷ୍ଟେସନ ଲୋକରଣ୍ୟ। ଗହଳି ହୋ ହାଲ୍ଲାରେ ଫାଟି ପଡୁଛି ଛୋଟ ଷ୍ଟେସନର ବଡ଼ ଦୁର୍ଘଟଣା। ବଗି ସବୁ ଲାଇନଚ୍ୟୁତ ହୋଇ ଷ୍ଟେସନ ଉପରକୁ ମାଡି ଆସି ଉଠା ଦୋକାନ ଛିନଛତ୍ର। ଶବ ବୁହା ଚାଲିଛି। ବୁଢ଼ୀ ପାଉନି ସେବକୁ, ଡାକୁଛି ସେବଲୋ... ଏ ସେବ। ତବତ ଭାତ ଥଣ୍ଡା ହେବଣି ଲୋ ମାଆ। କୋଉଠି ଅଛୁ ସେବ.. ଏ ସେବ। ଷ୍ଟେସନରେ ବୁଢ଼ୀର ପ୍ରତିଟି ଶବ୍ଦ ପ୍ରତିଧ୍ୱନିତ ହୋଇ ପୁଣି ଫେରିଆସୁଥିଲା ବୁଢ଼ୀ ପାଖକୁ। ତାଙ୍କ ଗାଁ ମାଧବ କହୁଥିଲା ଆଈ ସେଠି ସବୁ ମୃତକଙ୍କ ଜିନିଷ ପତ୍ର ଗଦା ହୋଇଛି ଦେଖିଲୁ। ଶବ ସବୁ ବୁହା ହୋଇ ଚାଲି ଯିବା ପରେ ପର୍ବତ ଉଚ୍ଚରେ ଗଦେଇ ହୋଇ ରହିଥିବା ଜିନିଷ ଭିତରେ ସେବ ଆଣିଥିବା ବହି ଓ କଲମ ଭରା ବ୍ୟାଗ ପଡି ରହି ବୁଢୀକୁ ଉପହାସ କରୁଥିଲା ଯେମିତି। ସେବଲୋ ମୋ ସେବ ବୋଲି ଡାକି ଡାକି ତଣ୍ଟି ପଡିଯିବା ପରେ ମାଧବ ବୁଢୀକୁ ବହୁକଷ୍ଟରେ ଗାଁକୁ ଆଣି, ଶବ ଚିହ୍ନଟ କରିବାକୁ ପାଖ ହସ୍ପିଟାଲକୁ ଯାଇ ଆଉ ଫେରିନଥିଲା। ବୁଢ଼ୀର ବାହୁନା ଶୂନ୍ୟରେ ପ୍ରତିଧ୍ୱନିତ ହୋଇ ସାହି ପଡିଶାଙ୍କ ହୃଦୟ ଥରାଇ ଦେଉଥିଲା। ପେଜୁଆ ଆଖିରେ, ରାତିରେ ପତାକା ହାତରେ ସେବ ଧାଉଁଥିବାର ସ୍ୱପ୍ନ ଦୃଶ୍ୟ ଦେଖି ଜେଜେମା ବିଳାପ କରୁଥିଲା ପ୍ରତି ସକାଳେ।

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ବାରିପଦା ,୧୬/୦୮ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଦେଶଭକ୍ତି ଓ ଉତ୍ସାହର ପରିବେଶ ମଧ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ଏହି ଅବସରରେ ସର୍ବପ୍ରଥମେ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣ ସ୍ଥିତ ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ, କର୍ମଚାରୀ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇ ନିଜ ଅଭିଭାଷଣରେ ସ୍ୱାଧୀନତା କେବଳ ଏକ ଐତିହାସିକ ଉପଲବ୍ଧି ନୁହେଁ, ଏହା ଆମ ଉପରେ ନ୍ୟସ୍ତ ଏକ ମହତ୍ତର ଦାୟିତ୍ୱ ଏବଂ ଦେଶର ଯୁବପିଢ଼ି ଜ୍ଞାନ, ଗବେଷଣା, ନୈତିକତା ଓ ସେବା ମାଧ୍ୟମରେ ବିକଶିତ ଭାରତ ଗଠନରେ ନିଜର ଅବଦାନ ରଖିବା ଆବଶ୍ୟକ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ସରକାରୀ କାର୍ଯ୍ୟ ଯୋଗୁଁ ବିଶ୍ୱବିଦ୍ୟାଳୟରେ ଅନୁପସ୍ଥିତ ଥିବାରୁ ନିଜର ସନ୍ଦେଶରେ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇବା ସହ ବିଶ୍ୱବିଦ୍ୟାଳୟ କେବଳ ଜ୍ଞାନ ପ୍ରଦାନର କେନ୍ଦ୍ର ନୁହେଁ, ବରଂ ଦାୟିତ୍ୱବାନ ନାଗରିକ ଓ ରାଷ୍ଟ୍ର ନିର୍ମାତା ସୃଷ୍ଟି କରିବାର ଏକ ପ୍ରମୁଖ ମଞ୍ଚ ବୋଲି ଅଭିହିତ କରିଥିଲେ । ଏହି ଅବସରରେ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ସ୍ୱାଧୀନତା ସଂଗ୍ରାମର ମହାନ ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନକୁ ସ୍ମରଣ ସହ ଦେଶର ଏକତା, ଅଖଣ୍ଡତା ଓ ଉନ୍ନତି ପାଇଁ ନିଜ ନିଜ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବାର ସଂକଳ୍ପ ନେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଶାରୀରିକ କ୍ରୀଡ଼ା ଅଧିକାରୀ ଶ୍ରୀ ପ୍ରଦୀପ୍ତ ରଞ୍ଜନ ଦାସ ଓ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ମାନେ ପରିଚାଳନା କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ୍ ଏକାଦଶ ଓ ରେଜିଷ୍ଟ୍ରାର ଏକାଦଶଙ୍କ ମଧ୍ୟରେ ହୋଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ମ୍ୟାଚ୍‌ରେ ରେଜିଷ୍ଟ୍ରାର ଏକାଦଶ ବିଜୟୀ ହୋଇଥିଲା ।

# ରତ୍ନାକର ସେଠୀଙ୍କୁ ଜିଲ୍ଲା ଏସସି ମୋର୍ଚ୍ଚା ଉପସଭାପତି ଦାୟିତ୍ୱ

ପଟ୍ଟାମୁଣ୍ଡାଇ ,୧୬/୦୮ (ନି.ପ୍ର): ପଟ୍ଟାମୁଣ୍ଡାଇ ଅଂଚଳର ବିଶିଷ୍ଟ ଦଳିତ ସଂଗଠକ ରତ୍ନାକର ସେଠୀ ଜିଲ୍ଲା ବିଜେପି ଏସ୍ସି ମୋର୍ଚ୍ଚାର ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ୨୦୧୧ ମସିହାରେ ସେ ବିଜେପିରେ ମିଶିଲା ପରେ ତୃଣମୂଳସ୍ତରରୁ ସଂଗଠନ ମଜଭୁତ କରିବା ପାଇଁ ପ୍ରୟାସ ଜାରି ରଖିଥିଲେ । ମଣ୍ଡଳ ୧୬ର ଦୁଇଥର ମଣ୍ଡଳ ସଭାପତି ମଧ୍ୟ ଥିଲେ । ଏହି ନିଯୁକ୍ତି ପାଇଁ ରତ୍ନାକର ସେଠୀ ରାଜ୍ୟ ବିଜେପି ଏସ୍ସି ସଭାପତି ବାଇଧର ମଲିକ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ନେତ୍ରୀ ଗୀତାଅଞ୍ଜଳି ସେଠୀ, ବିଜେପି ବରିଷ୍ଠ ନେତା ସୁରଥ ସେଠୀ, ପୂର୍ବ ତନ ଜିଲ୍ଲା ସଭାପତି କିଶୋର ପଣ୍ଡା, ପୂର୍ବ ତନ ଉପ ସଭାପତି ଉପିନ ରାଉତ,କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ବତନ ସଭାପତି ଦୁର୍ଯୋଧନ ସାହୁ, ରାଜ୍ୟ କାଜ୍ୟ କାରିଣୀ ସଦସ୍ୟ ସୁନାକର ବେହେରା, ମହାକାଳପଡ଼ା ବିଧାୟକ ଡ଼. ଦୂର୍ଗା ପ୍ରସନ୍ନ ନାୟକ, ଜିଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ରାଜନଗର ବିଜେପି ନେତା ଲଳିତ ବେହେରା ଏବଂ ଜିଲା ଏସ୍ସି ମୋର୍ଚ୍ଚା ସଭାପତି ପ୍ରଦୀପ ସେଠୀଙ୍କୁ କୃତଜ୍ଞ ଜଣାଇଛନ୍ତି । ନବନିଯୁକ୍ତ ଏସ୍ସି ମୋର୍ଚ୍ଚା ଉପସଭାପତି ଶ୍ରୀ ସେଠୀଙ୍କୁ ଜିଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଓ ସଞ୍ଜୟ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଦଳିତ ନେତା ପ୍ରଶାନ୍ତ ମଲିକ, ଅନ୍ତର୍ଯ୍ୟାମୀ ମଲିକ ଓ ଗୋଲକ ମଲିକ, ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, ଉପସଭାପତି ଅମ୍ବୁଜ ଭୂଷଣ ନାୟକ ଏବଂ ଯୁବନେତା ପରେଶ ସାହୁ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର ,୧୬/୦୮ (ନି.ପ୍ର): ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ଆଇନିଜୀବି ତଥା ସମାଜସେବୀ ପ୍ରଜ୍ଞା ପାରମିତା ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଆଜି ଦିବସର ଆଭିମୁଖ୍ୟ ଉପରେ ଅଭିଭାଷଣ ରଖିଥିଲେ । କମିଟିର ଉପସଭାପତି ସ୍ମୃଶୀସଂଗୀତା ଦାଶ, ସଂପାଦକ ଗୟାଧର କର, ସହ ସଂପାଦକ ଗୌରୀସଂକର ପତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀମାନେ ପେରେଡ ପ୍ରଦର୍ଶନ କରି ବନ୍ଦେ ମାତରଂ ଓ ଜନ ଗଣ ଜାତୀୟ ସଂଗୀତ ପରିବେଷଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟା ଏଲିନା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୁରୁମା ପ୍ରିୟଙ୍କା, ନିରୂପମା, କାଜଲ, ହରପ୍ରିୟା, ଶ୍ରଦ୍ଧାଞ୍ଜଳୀ, ସସ୍ମିତା, ଗଲି, ପ୍ରିୟଙ୍କା(୨) ଅପା ପ୍ରଭାସିନୀ ଓ ରୁକ୍ମିଣୀ ପ୍ରମୁଖ ସହଯୋଗ କରିଥିଲେ ।

# ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସ୍ୱାଧୀନତା ଦିବସ ଅବସରରେ ବିତର୍କ ପ୍ରତିଯୋଗିତା




ବାରିପଦା,୧୬/୦୮ (ନି.ପ୍ର): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଆନ୍ତଃମହାବିଦ୍ୟାଳୟ ସ୍ତରୀୟ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । 'ଏକ ଶସକ୍ତ ସୁଦୃଢ଼ ଭାରତ ଗଠନ ରେ ଶିକ୍ଷା ର ଭୂମିକା' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ମୋଟ ୩୬ରୁ ଅଧିକ ପ୍ରତିଯୋଗୀ ଭାଗ ନେଇ ସମସାମୟିକ ଜାତୀୟ ପ୍ରସଙ୍ଗ ଉପରେ ନିଜର ଯୁକ୍ତି ଓ ମତାମତ ଉପସ୍ଥାପନ କରିଥିଲେ । ପ୍ରତିଯୋଗୀମାନଙ୍କର ବକ୍ତୃତ୍ୱ ଶୈଳୀ, ଯୁକ୍ତିର ଉପସ୍ଥାପନା, ତଥ୍ୟଭିତ୍ତିକ ବିଶ୍ଳେଷଣ ଓ ବିଷୟବସ୍ତୁର ଗଭୀରତା ଉପସ୍ଥିତ ସମସ୍ତଙ୍କୁ ଆକର୍ଷିତ କରିଥିଲା । ପ୍ରତିଯୋଗିତାର ବିଚାରକ ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼. ପୁଷ୍ପା ପାତ୍ର, ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା ଏବଂ ଓଡ଼ିଆ ବିଭାଗର ଅଧ୍ୟାପକ ମାନସ ସେଠୀ ଯୋଗଦେଇ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ । ସେମାନେ ଛାତ୍ରଛାତ୍ରୀଙ୍କର ଯୁକ୍ତିବାଦୀ ଚିନ୍ତାଧାରା, ଦେଶପ୍ରେମ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରଶଂସା କରିଥିଲେ ।ଏହି ପ୍ରତିଯୋଗିତା ରେ ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ର ପଦାର୍ଥ ବିଜ୍ଞାନ ବିଭାଗ ର ସ୍ନାତକୋତ୍ତର ଛାତ୍ରୀ ଦୀକ୍ଷା ଅଗ୍ରୱାଲ,ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମୟୁରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ର ଛାତ୍ରୀ ପ୍ରତିଜ୍ଞା ଗିରି ଦ୍ୱିତୀୟ ସ୍ଥାନ ଓ ବିଷ୍ଣୁପ୍ରିୟା ରାଉଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ଉପସ୍ଥିତ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ କହିଥିଲେ ଯେ, ବିତର୍କ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କଶକ୍ତି, ଆତ୍ମବିଶ୍ୱାସ, ସଠିକ୍ ଅଭିବ୍ୟକ୍ତି ଓ ନେତୃତ୍ୱ ଗୁଣର ବିକାଶ କରିବାରେ ସହାୟକ ହୋଇଥାଏ । ଏହି କାର୍ଯ୍ୟକ୍ରମ କଲେଜରେ ସ୍ୱାଧୀନତା ଦିବସ ପାଳନର ଏକ ଉଲ୍ଲେଖନୀୟ ଅଂଶ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ, ସଚେତନ ନାଗରିକତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହୋଇଥିଲା ।ଅଧ୍ୟାପିକା ସୁଜାତା ପାଲ, ଜ୍ୟୋତିରେଖା ନାୟକ ଓ ଅଧ୍ୟାପକ ଡ ଠାକୁରା ଚାରଣ ମାରାଣ୍ଡି କାର୍ଯ୍ୟକ୍ରମ ସଂଚାଳନ ରେ ସହାୟତା କରିଥିଲେ.କୃତି ପ୍ରତିଯୋଗୀ ମାନଙ୍କୁ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଶୁଭେଚ୍ଛା ଜଣେଇବା ସହ ଆଗାମୀ ଦିନ ରେ ଏଭଳି କାର୍ଯ୍ୟକ୍ରମ ରେ ଅଧିକ ରୁ ଅଧିକ ସଂଖ୍ୟା ରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ ।

# ରେମୁଣା ବିଜେପି କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ରେମୁଣା,୧୬/୦୮ (ନି.ପ୍ର): ଶନିବାର ସକାଳ ୮ଟା ସମୟରେ ରେମୁଣା ବିଜେପି କାର୍ଯ୍ୟାଳୟ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଆସିଥିବା କର୍ମୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ । ପ୍ରଥମେ ଜାତୀୟ ସଙ୍ଗୀତ ଗାନ ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ପରେ ସମସ୍ତେ ଏକ ସ୍ୱରରେ 'ବନ୍ଦେ ମାତରମ୍' ଗାନ କରିଥିଲେ । ବିଧାୟକ ଶ୍ରୀ ଦାସ ଦେଶର ସ୍ୱାଧୀନତା ପାଇଁ ନିଜ ପ୍ରାଣବଳି ଦେଇଥିବା ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହ ସେମାନଙ୍କ ଆଦର୍ଶରେ ଦେଶ ଓ ସମାଜ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଉପସଭାପତି ଶ୍ରୀ ସୁକୁମାର ଦାସ, ଜିଲ୍ଲା ସମ୍ପାଦିକା ଶ୍ରୀମତୀ ରବିତା ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ବିପିନ ମାରାଣ୍ଡି, ମଣ୍ଡଳ ସଭାପତି ଶ୍ରୀ ଉମାକାନ୍ତ ଜେନା, ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀ କମଳ ଲୋଚନ ପ୍ରଧାନ, କୃଷ୍ଣ ଚନ୍ଦ୍ର ସାହାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଦଳଦଳି - ଶ୍ରୀବସ୍ତପୁର ରାସ୍ତା ବିଚ୍ଛିନ୍ନ: ପୋଲରୁ ରାସ୍ତା ଧୋଇଗଲା

ବୈଶିଙ୍ଗା ,୧୬/୦୮ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ଦଳଦଳି ଗ୍ରାମ ଠାରୁ ଶ୍ରୀବସ୍ତପୁର ଯାଇଥିବା ରାସ୍ତା ଚଳିତ ଲଗାଣ ବର୍ଷାରେ ଧୋଇ ଯାଇଥିବା ଜଣାଯାଇଛି । କେନ୍ଦୁଆ ପଞ୍ଚାୟତ ରୁ ଗଡଦେଉଳିଆ ପଞ୍ଚାୟତ କୁ ସଂଯୋଗ କରୁଥିବା ଏହି ରାସ୍ତା ଅତ୍ୟନ୍ତ ଦରକାରୀ ଥିବା ବେଳେ ଯାତାୟତ ବନ୍ଦ ପାଇଁ ଲୋକଙ୍କ ଭିତରେ ଭାଳେଣି ପଡିଛି । ଏହି ଅଞ୍ଚଳଟି ପରିବା ଚାଷ ପାଇଁ ପ୍ରସିଦ୍ଧ ଥିବାରୁ ପରିବା ଚାଷୀ ମାନେ ନିଜର ଉତ୍ପାଦିତ ପରିବାକୁ ନେଇ ଏହି ରାସ୍ତା ଦେଇ ବାଲେଶ୍ୱର ଡେଲି ମାର୍କେଟ କୁ ନେଇଥାନ୍ତି ବିକ୍ରୀ ପାଇଁ । ବର୍ତ୍ତମାନ ବୈଶିଙ୍ଗା ଦେଇ ସେମାନଙ୍କୁ ଦଶ କିଲୋମିଟର ବୁଲି ବୁଲି ଯିବାକୁ ପଡୁଛି । ଯେହେତୁ ନଷ୍ଟ ହୋଇଯାଇଥିବା ରାସ୍ତାଟିକୁ ସମ୍ପୂର୍ଣ୍ଣ କଙ୍କ୍ରୀଟ୍ କରି ବାକୁ ଗ୍ରାମ ବାସୀଙ୍କ ତରଫରୁ ଦାବି ହୋଇଛି ।

# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱରର ୮୦ ତମ ସ୍ୱାଧୀନତା ଦିବସ ପାଳନ



ବାଲେଶ୍ୱର,୧୬/୦୮ (ନି.ପ୍ର): ଅବସରପ୍ରାପ୍ତ ରେଳ କର୍ମଚାରୀ ସଙ୍ଘ, ବାଲେଶ୍ୱର ତରଫରୁ ଆଜି ବାଲେଶ୍ୱର ଷ୍ଟେସନ ପରିସରରେ ୮୦ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସଂଘର ଉପଦେଷ୍ଟା ରମେଶ ଚନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ । ସଂଘର ସଭାପତି ଚତୁର୍ଭୁଜ ଜେନା ତାଙ୍କ ବକ୍ତବ୍ୟରେ ସ୍ୱାଧୀନ ଭାରତର ନାଗରିକଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉପଦେଷ୍ଟା ରମେଶ ଚନ୍ଦ୍ର ଜେନା ସମାଜରେ ସମାନତାର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିବା ଦରକାର ବୋଲି କହିଥିଲେ । ସଂଘର ସମ୍ପାଦକ ରାମଚନ୍ଦ୍ର ଦାସ ଓ ଅନ୍ୟ ସଭ୍ୟମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉପସଭାପତି ସତ୍ୟରଞ୍ଜନ ରାଉତ, ସଂଗଠନ ସମ୍ପାଦକ ଗଗନ ଦଳେଇ, କୋଷାଧ୍ୟକ୍ଷ ବଂକିମ ଚନ୍ଦ୍ର ପତି, ସଭ୍ୟ ଅକ୍ଷୟ କୁମାର ପଣ୍ଡା, ଉମାକାନ୍ତ ଦାସ, ସୁରେନ୍ଦ୍ର ସାମଲ, ରବିନାରାୟଣ ରଣା, ଅନିଲ କୁମାର ଦାସ, ଏ. କେ. ମାହାତୋ, ସୁକୁମାର ବେହେରା, ସନ୍ତୋଷ ଗୋଛାୟତ, ହରେକୃଷ୍ଣ ବେହେରା, ଚିତ୍ତବାବୁ ଦୋରା ପ୍ରମୁଖ ଏହି ସମାରୋହରେ ସକ୍ରିୟ ଯୋଗଦାନ କରିଥିଲେ ।

# ପୁଣି ବୁଡ଼ିଲା ବରୀ: ମଧ୍ୟାହ୍ନ ସୁଦ୍ଧା ଅନେକ ଗ୍ରାମ ଜଳବନ୍ଦି



ବରୀ ,୧୬/୦୮ (ନି.ପ୍ର): ଗତ ମାସ ୩୦ ତାରିଖରେ ଆସିଥିବା ବନ୍ୟାରେ ବ୍ରାହ୍ମଣୀ ନଦୀର ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ୪ଗୋଟି ଘାଇର ଅସ୍ଥାୟୀ ମରାମତିକୁ ନେଇ ରାଜନେ ?ତିକ ଛକାପଞ୍ଝା ଜାରି ରହିଛି । ଘାଇର ଅସ୍ଥାୟୀ ମରାମତିରେ ବିଳମ୍ବ କାରଣରୁ ରବିବାର ଆସିଥିବା ବନ୍ୟାର ଆରମ୍ଭରୁ ପୁଣି ବରୀ ଜଳାର୍ଣ୍ଣବ ହୋଇଯାଇଛି । ବନ୍ୟାରେ ସୃଷ୍ଟି ହୋଇଥିବା ଘାଇ ଗୁଡ଼ିକର ଅସ୍ଥାୟୀ ମରାମତିକୁ ଗୁରୁତ୍ୱ ନଦେଇ କେଉଁ ଦଳର ନେତାଙ୍କ କଥାରେ କେଉଁ ଠିକାଦାର କାମ କରିବ ତାକୁ ନେଇ ରାଜନିତୀ ଆରମ୍ଭ ହୋଇ ଯାଇଥିଲା । ଘାଇର ମରାମତି ଗୁରୁତ୍ୱ ବହନ କରୁଥିଲା ବେଳେ ସଂପୃକ୍ତି ବିଭାଗ ରାଜନେତିକ ଚାପ ଆଗରେ ଚାପି ହୋଇ ପଡ଼ିଥିଲା । ଦୀର୍ଘ ୧୦ ଦିନରୁ ଅଧିକ ସମୟ ଠିକାଦାର ଚୟନରେ ସମୟ ବିତିଯାଇଥିଲା ବେଳେ ଅରୁଆଳ ଘାଇକୁ ଗୋଟିଏ ଦଳର ଚନ୍ଦନପୁର ଘାଇର ମରାମତି କାମ ଅନ୍ୟ ଗୋଟିଏ ଦଳର ଚୟନ ଠିକାଦାରକୁ ସମର୍ପି ଦେଇଥିଲା ଜଳସଂପଦ ବିଭାଗ । ଏପରି ଏକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକୁ ଅଭିଜ୍ଞ ଠିକାଦାର ବଦଳରେ ଦଳିୟ ଭିତିରେ ଦିଆଯାଇଥିଲା ବେଳେ ସଠିକ୍ ସମୟ ମଧ୍ୟରେ ଅସ୍ଥାୟୀ ମରାମତି କାର୍ଯ୍ୟ ମଧ ହୋଇ ପାରିନଥିଲା । ଯାହାଫଳରେ ରବିବାର ବନ୍ୟା ଆସୁଆସୁ ଘାଇ ଗୁଡ଼ିକ ପୁର୍ନବାର ବନ୍ୟାପାଣି ବୁଡ଼ାଇ ଦେଇଛି । ଏପରିକି ବାଙ୍କସାହି ଘାଇ କାମ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ମୁତାବକ କାମ ହୋଇନଥିବାରୁ ତାହାମଧ୍ୟ ବୁଡ଼ାଇ ବନ୍ୟାସୋତ ପ୍ରବାହିତ ହୋଇଛି ।ମଧ୍ୟାହ୍ନ ସୁଧା ତିନୋଟି ଘାଇ ଦେଇ ବନ୍ୟାସୋତ ପ୍ରବାହିତ ହେଉଥିଲା ବେଳେ ମାଟିଆପଡ଼ା ନଦୀବନ୍ଧ ପ୍ରତି ମଧ ବିପଦ ଦେଖା ଦେଇଛି । ପ୍ରଥମ ବନ୍ୟାରେ ବିଭାଗୀୟ ପୂର୍ବପ୍ରସ୍ତୁତି ଅଭାବରୁ ଘାଇ ସୃଷ୍ଟି ହୋଇଥିଲା ବେଳେ ପରବର୍ତ୍ତୀ ସମୟରେ ଶାସକ ଓ ବିରୋଧୀ ମଧ୍ୟରେ ଠିକା କାମ କିଏ ନେବ କାହା ସମର୍ଥକ ପାଇବେ ତାକୁ ନେଇ ବଳକଷା କଷି ମଧ୍ୟରେ ଦ୍ୱିତୀୟ ବନ୍ୟା ଆରମ୍ଭରୁ ବରୀ ବୁଡ଼ିବା ଆରମ୍ଭ ହୋଇ ଗଲାଣି । ଅପରପକ୍ଷରେ ପ୍ରଥମ ବନ୍ୟା ଠାରୁ ଏଥର ଅଧିକ ପାଣି ଆସୁଥିବାରୁ ବନ୍ୟାର ଭୟାବହ ଅଧିକ ରହିବ ବୋଲି ଜଳସଂପଦ ବିଭାଗର ଅଧିକାରୀଙ୍କୁ ଠାରୁ ସୂଚନା ମିଳିଲାଣି । ବରୀ କଳାମାଟିଆ ରାସ୍ତାର ଅନେକ ସ୍ଥାନରେ ମୁଖ୍ୟରାସ୍ତା ଉପରେ ବନ୍ୟାସୋତ ଚାଲିଥିଲା ବେଳେ ବରୀ ତିନିମୁହାଣି ନିକଟରେ ସୃଷ୍ଟି ହୋଇଥିବା ଘୋଳିଆକୁ ସ୍ଥାନୀୟ ଲୋକମାନେ ନିଜେ ମରାମତି କରିବା କାମକୁ ହାତକୁ ନେଇଥିବା ଦେଖିବାକୁ ମିଳିଛି । ସେପଟେ ବ୍ଲକ ପ୍ରଶାସନ ପକ୍ଷରୁ ଚନ୍ଦନପୁର, କିମ୍ବିରିଆପାଳ, ଅଙ୍ଗାଳୋ, ସ୍ୱାଇଁଖଣ୍ଡ ପଞ୍ଚାୟତର ୪ଟି ସ୍ଥାନରେ ରନ୍ଧାଖାଦ୍ୟ ଓ ୪ଟି ପଞ୍ଚାୟତ କେତକ ଜଳବନ୍ଦି ଗ୍ରାମରେ ସୁଖିଲା ଖାଦ୍ୟ ବଣ୍ଟନ ଆରମ୍ଭ କରିଛି । ବରୀକୁ ଘନେଇ ଆସୁଥିବା ବନ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ୨ଟି ଓଡୟାପ୍ ଟିମ୍ ବରୀକୁ ଆସିଥିବା ବିଡ଼ିଓ ମିନତୀ ଜଗଦ୍ଦେବ୍ ସୂଚନା ଦେଇଛନ୍ତି । ପ୍ରଥମ ବନ୍ୟା ଠାରୁ ଏବନ୍ୟା ଅଧିକ ରହିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି ।

# ଖଇରା ବ୍ଲକ-ପୁରପଲ୍ଲୀରେ ୮୦ତମ ସ୍ୱାଧିନତା ଦିବସ



ଖଇରା,୧୬/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ସହର ଠୁଁ ଗାଁ ପର୍ଯ୍ୟନ୍ତ ସରକାରୀ ବେସରକାରୀ ଅନୁଷ୍ଠାନରେ ତୁହାକୁ ତୁହା ବର୍ଷା ସତ୍ୱେ ୮୦ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ଖଇରା ବ୍ଲକ କାର୍ଯ୍ୟାଳୟରେ ବିଡିଓ ନାରାୟଣ ସାହୁ ଓ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁଙ୍କ ଉପସ୍ଥିତିରେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ସାଳନ୍ଦୀ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟରେ ଏସଡିଓ ଦାଶରଥି ମୁର୍ମୁ,ବିଦ୍ୟାଧରପୁର ଉପଖଣ୍ଡ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀ ନରହରି ପ୍ରଧାନ,ଖଇରା ଅବକାରୀ ଥାନାରେ ଓଆଇସି ପ୍ରହଲ୍ଲାଦ ସାମଲ ତ୍ରିରଙ୍ଗା ଉଡାଇଥିଲେ । ଏହା ବ୍ୟତିତ ଖଇରା ସାମ୍ବାଦିକ ସଂଘ, ଖଇରା ତହସିଲ ଓ ଉପନିବନ୍ଧକ କାର୍ଯ୍ୟାଳୟ,ଗୋଷ୍ଠୀ ପ୍ରାଣୀଚିକିତ୍ସାଳୟ,ଖଇରା ଥାନା,ଖଇରା ଗୋଷ୍ଠୀ ଶିକ୍ଷାକେନ୍ଦ୍ର,ଖଇରା ଗୋଷ୍ଠୀ ଚିକିତ୍ସାଳୟ,ଖଇରା ହାଇସ୍କୁଲ,ଖଇରା ୟୁପି ସ୍କୁଲ,ନଟାପଡାଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର,ଖଇରା ସରସ୍ୱତୀ ବିଦ୍ୟା ମନ୍ଦିର,ଆଦର୍ଶ ଶିକ୍ଷା ମନ୍ଦିର,ଏଭିଏମ ସ୍କୁଲ,ଜେଭିସିସି କମ୍ପ୍ୟୁଟର ସେଣ୍ଟର,ଖଇରା କଲେଜରେ ମଧ୍ୟ ପବିତ୍ର ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରତିଭା ପରିବାର ପକ୍ଷରୁ ପଳସା ପଡିଆରେ ବୃକ୍ଷରୋପଣ କରାଯାଇଥିଲା ।

# ଜିଲ୍ଲା କୃଷକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବଲାଙ୍ଗିର,୧୬/୦୮ (ନି.ପ୍ର): ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କୃଷକ ସଂଘ ପକ୍ଷରୁ, ବଲାଙ୍ଗିର ଜିଲ୍ଲାର କୃଷି ଏବଂ କୃଷକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଅଛି । ବଲାଙ୍ଗିର ଜିଲ୍ଲାର ଚାଷୀମାନେ ଦିର୍ଘ ଦିନ ହେଲା ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ଚଳିତ ବର୍ଷ ଚାଷ କାମ ଆରମ୍ଭ ହେଉ ହେଉ ଲଘୁଚାପ ଜନିତ ପ୍ରବଳ ବଷା ଯୋଗୁଁ ଚାଷ ହୋଇଥିବା ଜମିରେ ବନ୍ୟା ପାଣି ପ୍ରବାହିତ ହେବା ଦ୍ୱାରା ବହୁ ଫସଲ ନଷ୍ଟ ହୋଇ ଶହ ଶହ ହେକ୍ଟର ଜମିରେ ହିଡ ଭାଙ୍ଗି ବାଲି ଏବଂ ମାଟି ପୋତି ହୋଇ ଚାଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି କିନ୍ତୁ ପରିତାପର ବିଷୟ ଦିର୍ଘ ୧୭/୧୮ ଦିନ ବିତିଯାଇଥିଲେ ସୁଦ୍ଧା ସରକାରଙ୍କ ତରଫରୁ ଚାଷୀମାନଙ୍କୁ କ୍ଷତିପୁରଣ ଦିଆଯାଇ ନାହିଁ । ସେ ପଟେ ଅବଶିଷ୍ଟ ଜମିରେ ଭଲ ଭାବରେ ଚାଷ କରିବାକୁ ହେଲେ ସାର ଆବଶ୍ୟକ କିନ୍ତୁ ତାହା ମଧ୍ୟ ସରକାରଙ୍କ ପକ୍ଷରୁ ଉଚିତ ମୁଲ୍ୟରେ ଆବଶ୍ୟକ ଅନୁଯାୟୀ ଋଷର ପଯଗାଇ ପାରୁନାହିଁ । ତା ପରେ ଏ ବର୍ଷ ଖରିଫ ଧାନ ବିକ୍ରୟ ରେ ସରକାରଙ୍କ ଦୋମୁହାଁ ନୀତି ଚାଷୀ ଭାଇମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି ।

# ଜମିକୁ ମାଡୁନାହିଁ କେନାଲ ପାଣି: ଦୁଃଖ ଜଣାଇଲେ ଚାଷୀ

ଉଦଳା ,୧୬/୦୮ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ବାଉଁଶପାଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମଦେଇ କାଳବନ୍ଧର ଏକ ଶାଖା କେନାଲ ଯାଇଛି । କିନ୍ତୁ କେନାଲପାଣି ଜମିକୁ ମାଡୁନଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଲୋକେ ଖରାଟିଆ ଧାନଚାଷ କରି ପାରୁ ନଥିବାର ଜଣାଇଛନ୍ତି । ବର୍ଷାଋତୁରେ ଧାନଚାଷ ପରେ ଜମି ପଡ଼ିଆପଡୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ସରକାର ଜଳକର ନେଉଥିବା ବେଳେ ଜମିକୁ ପାଣି ଯୋଗାଇଦେବା ତାଙ୍କର ଦାୟିତ୍ୱ ବୋଲି କହିଛନ୍ତି । ପାଣି ଯୋଗାଇ ନପାରିଲେ ଚାଷୀ ମାନଙ୍କୁ ଜଳକର ଛାଡ଼ କରିଦେବା ଉଚିତ ବୋଲି ବାଉଁଶପାଳ ଗ୍ରାମର ଚାଷୀ ମାନେ ମତ ଦେଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସ୍ୱେଚ୍ଛାସେବି ସଂଗଠନର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ



ପାରାଦୀପ, ୧୬/୮ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଦେଶାତ୍ମବୋଧକ ଉତ୍ସାହ, ପତାକା ଉତ୍ତୋଳନ, ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ସହିତ ଶନିବାର ଦିନ ସମାରୋହରେ ପାଳିତ ହୋଇଯାଇଛି । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଗୋପବନ୍ଧୁ ଷ୍ଟାଡିୟମରେ ଅଧିକାରୀ, କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ଟ୍ରେଡ ୟୁନିଅନ ପ୍ରତିନିଧି, ଗଣମାଧ୍ୟମ, ସରକାରୀ ସଂଗଠନ, ଅଂଶୀଦାର, ପାରାଦୀପର ନାଗରିକ ଏବଂ ସ୍କୁଲ ପିଲାମାନଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଅଧ୍ୟକ୍ଷ ସ୍ୱାଧୀନତା ସଂଗ୍ରାମୀ ଏବଂ ସଶସ୍ତ୍ର ବାହିନୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ବିକାଶ ଭାରତର ଦୃଷ୍ଟିକୋଣରେ ବନ୍ଦରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ପାରାଦୀପ ବନ୍ଦର ଆଧୁନିକ ଭିତ୍ତିଭୂମି, ଦକ୍ଷ ଲଜିଷ୍ଟିକ୍ସ, ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ମାଧ୍ୟମରେ ଭାରତର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ । ଅଧ୍ୟକ୍ଷ ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୬.୪୫ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିବହନ ସର୍ବକାଳୀନ ରେକର୍ଡ ପାଇଁ ଅଭିନନ୍ଦନ ଜଣାଇଥିଲେ, ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୪% ଅଭିବୃଦ୍ଧି ହାସଲ କରିଥିଲା । ଭାରତର ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ଦ୍ୱିତୀୟ ସ୍ଥାନରେ ରହିଛି, ଯେତେବେଳେ ପୂର୍ବ ଉପକୂଳରେ ୧ ନମ୍ବର ଏବଂ ଉପକୂଳ ପରିବହନରେ ୧ ନମ୍ବର ସ୍ଥାନ ବଜାୟ ରଖିଛି । ବନ୍ଦର ପ୍ରାୟ ୩୭,୦୦୦ ଟନ୍ ବର୍ଥ ଉତ୍ପାଦନ ହାସଲ କରିଛି, ଯାହା ଜାତୀୟ ହାରାହାରି ତୁଳନାରେ ଦୁଇଗୁଣ ଅଧିକ । ଅଧ୍ୟକ୍ଷ ଏହି ପ୍ରଦର୍ଶନ ପାଇଁ ଯାନ୍ତ୍ରିକୀକରଣ, ସିଷ୍ଟମ ଉନ୍ନତି, ଆଧୁନିକ କାର୍ଗୋ ପରିଚାଳନା ପ୍ରଣାଳୀ ଏବଂ ଟିମ୍ ପିପିଏର ଉତ୍ସର୍ଗୀକୃତ ପ୍ରୟାସକୁ ଶ୍ରେୟ ଦେଇଥିଲେ । ଅଧ୍ୟକ୍ଷ ସୂଚନା ଦେଇଥିଲେ ଯେ ୧୮.୫ ମିଟର ଡ୍ରାଫ୍ଟ ପର୍ଯ୍ୟନ୍ତ ଚ୍ୟାନେଲର କ୍ୟାପିଟାଲ ଡ୍ରେଜିଂ ସମ୍ପୂର୍ଣ୍ଣ ହୋଇଛି । ସମ୍ପୂର୍ଣ୍ଣ ଭାରପ୍ରାପ୍ତ କେପ୍ (ବୃହତକାୟ) ଜାହାଜଗୁଡ଼ିକୁ ପରିଚାଳନା କରିବାକୁ ସକ୍ଷମ ପାଞ୍ଚଟି ଅତିରିକ୍ତ ବର୍ଥ ଶେଷ ହେବାକୁ ଯାଉଛି, ଯାହା ପାରାଦୀପ ବନ୍ଦରକୁ ସାତୋଟି କେପ୍-ହ୍ୟାଣ୍ଡଲିଂ ବର୍ଥ ସହିତ ଭାରତର ପ୍ରଥମ ବନ୍ଦର ହେବାକୁ ନେଇଛି । ୨୦୩୦ ସୁଦ୍ଧା ବର୍ଥ ସଂଖ୍ୟା ୧୯ ରୁ ୨୭ କୁ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ପାଞ୍ଚଟି ବର୍ଥ ନେଇ ଗଠିତ ୨୫ ଏମଏମଟି ପଶ୍ଚିମ ଡକ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଯାଉଛି ଏବଂ ନିର୍ଦ୍ଧାରିତ ସମୟର ଦୁଇ ବର୍ଷ ପୂର୍ବରୁ ସମାପ୍ତ ହେବାର ଆଶା କରାଯାଉଛି । ପାରାଦୀପ ବନ୍ଦର ମଧ୍ୟ ୧୦୦% ଯାନ୍ତ୍ରିକୀକରଣ ସହିତ ପ୍ରଥମ ପୂର୍ବ ତଟ ବନ୍ଦର ହେବା ଦିଗରେ ଅଗ୍ରଗତି କରୁଛି । ଯାନ୍ତ୍ରିକୀକରଣ ପାଇଁ ଚାରୋଟି ଅର୍ଦ୍ଧ-ଯାନ୍ତ୍ରିକୀକରଣ ବର୍ଥ ପୂର୍ବରୁ ପ୍ରଦାନ କରାଯାଇଛି, ଯେତେବେଳେ କଣ୍ଟେନର ଏବଂ ସବୁଜ ହାଇଡ୍ରୋଜେନ୍ ବର୍ଥ ପାଇଁ ପ୍ରକ୍ରିୟା ଚାଲିଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ବନ୍ଦରର ନିଟ୍ ସରପ୍ଲସ୍ ୭୧୪ କୋଟିରୁ ୨,୦୩୮ କୋଟିକୁ ବୃଦ୍ଧି ପାଇଛି । ପାରାଦୀପ ବନ୍ଦର ଦ୍ରୁତ ଗତିରେ ଏକ ସ୍ମାର୍ଟ ଏବଂ ଡିଜିଟାଲ୍ ବନ୍ଦର ଭାବରେ ଉଭା ହେଉଛି। ସ୍ୱାଧୀନତା ଦିବସର ବକ୍ତବ୍ୟ ପରେ, ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ସାଂସ୍କୃତିକ ଶାଖା ଜଗନ୍ନାଥ ଲଳିତା କଳା ସଂସଦ ପକ୍ଷରୁ ଅଫିସର୍ସ କ୍ଲବରେ ଦେଶାତ୍ମବୋଧକ ବିଷୟବସ୍ତୁ ଉପରେ ଏକ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା । ଅପରାହ୍ନରେ ପାରାଦୀପ ବନ୍ଦର ଦଳ ଏବଂ ମର୍ଣ୍ଣିଂ ଫୁଟବଲ୍ କ୍ଲବ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସେହିପରି ସନ୍ଧ୍ୟାରେ, ବିଜୁ କନଭେନସନ ସେଣ୍ଟରରେ ଦେଶାତ୍ମବୋଧକ ବିଷୟବସ୍ତୁ ଉପରେ ଏକ ଆନ୍ତଃସ୍କୁଲ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଜେତାମାନେ ବନ୍ଦର ଅଧ୍ୟକ୍ଷଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ବନ୍ୟାସ୍ଥିତି: ଆଜି ଉତ୍କଳ...

ଅଭିଭାବକମାନଙ୍କୁ ପ୍ରଶାସନକୁ ସହଯୋଗ କରିବା ସହ ପିଲାମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଅନୁରୋଧ କରାଯାଉଛି। ଏତଦବ୍ୟତୀତ, ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନଙ୍କୁ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବା ସହ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ତୁରନ୍ତ ଦାୟିତ୍ୱ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୟୂରଭଞ୍ଜରେ ପ୍ରବଳ ବର୍ଷା ଆଶଙ୍କା ପାଇଁ ସୋମବାର ଜିଲ୍ଲାର ସମସ୍ତ ସ୍କୁଲ (୧ମରୁ ଦ୍ୱାଦଶ) ବନ୍ଦ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଘୋଷଣା କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି (୧୭ ଅଗଷ୍ଟ) କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଯୋଗୁଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନାବଶ୍ୟକ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡି ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### 'ବନ୍ଦେ ମାତରମ୍'କୁ ଅବମାନନା ...

ଚଟ୍ଟୋପାଧ୍ୟାୟଙ୍କ ନିକଟରେ ହାତ ଯୋଡ଼ି କ୍ଷମାପ୍ରାର୍ଥନା କରିବା ଉଚିତ୍ । କଂଗ୍ରେସ କେବଳ ଭୋଟ-ବ୍ୟାଙ୍କ ରାଜନୀତି ପାଇଁ ସ୍ୱାଧୀନତା ସଂଗ୍ରାମର ମନ୍ତ୍ର ସାଜିଥିବା ଏହି ଗୌରବମୟ ସଂଗୀତକୁ ଅପମାନିତ କରିଛି ବୋଲି ଶାହ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ, ବଙ୍କିମଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ବଂଶଧର ତଥା ନୈହାଟିର ବିଜେପି ବିଧାୟକ ସୁମିତ୍ର ଚାଟାର୍ଜୀ ମଧ୍ୟ ଏହି ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ସେ ସୋନିଆ ଗାନ୍ଧୀଙ୍କୁ ଏକ ଚିଠି ଲେଖି ବିନା ସର୍ତ୍ତରେ କ୍ଷମାପ୍ରାର୍ଥନା କରିବାକୁ ଦାବି କରିଛନ୍ତି। ସୁମିତ୍ର କହିଛନ୍ତି ଯେ, କଂଗ୍ରେସ ମୁଖ୍ୟାଳୟରେ ଜାତୀୟ ସଂଗୀତ ଚାଲିଥିବା ବେଳେ ତାକୁ ଅଟକାଇବାକୁ ଚେଷ୍ଟା କରିବା ୧୯୩୭ ମସିହାର ଐତିହାସିକ ଭୁଲର ପୁନରାବୃତ୍ତି ଏବଂ ଦେଶଭକ୍ତଙ୍କ ପ୍ରତି ଏକ ଚରମ ଅପମାନ। ଏହି ଘଟଣାକୁ ନେଇ ବିଜେପି ପକ୍ଷରୁ କଂଗ୍ରେସ ନେତୃତ୍ୱକୁ କଡ଼ା ସମାଲୋଚନା କରାଯାଇଛି ।

### ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ...

କେବଳ ହ୍ୱାଟସ୍ଆପ୍‌ରେ ନୋଟିସ୍ ପଠାଇବା କିମ୍ବା ଘର କାନ୍ଥରେ ନୋଟିସ୍ ମାରିଦେବା ଯଥେଷ୍ଟ ନୁହେଁ । ଏସ୍‌ଡିଏମ୍ ସରପଞ୍ଚଙ୍କୁ ନୋଟିସ୍ ପ୍ରଦାନ କରିବା ସମୟରେ ଅତିକମ୍‌ରେ ଏକ-ତୃତୀୟାଂଶ ୱାର୍ଡ ମେମ୍ବରଙ୍କ ଦସ୍ତଖତ ଥିବା ରିକ୍ୟୁଜିସନ୍ ଏବଂ ଅନାସ୍ଥା ପ୍ରସ୍ତାବର ନକଲ ଦେବା ଆବଶ୍ୟକ । ଅନାସ୍ଥା ପ୍ରସ୍ତାବ ଆଣିବାର ଅଧିକାର ସହିତ ସରପଞ୍ଚଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦେବା ମଧ୍ୟ ଆଇନଗତ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ନୋଟିସ୍ ଠିକ୍ ଭାବେ ପ୍ରଦାନ କରିବା ସହ ପ୍ରସ୍ତାବର ସମ୍ପୂର୍ଣ୍ଣ ତଥ୍ୟ ଦେବା ଆବଶ୍ୟକ । ସରପଞ୍ଚ ପଦର ଗରିମା ରକ୍ଷା କରିବା ସହ ଅନାସ୍ଥା ପ୍ରସ୍ତାବର ଆଇନଗତ ପ୍ରକ୍ରିୟାକୁ ସୁରକ୍ଷିତ ରଖିବା ଦିଗରେ ହାଇକୋର୍ଟଙ୍କ ଏହି ରାୟକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦେଖାଯାଉଛି ।

# ଅବସରପ୍ରାପ୍ତ ଓଡ଼ିଶା ପରିବହନ କର୍ମଚାରି ପଦ୍ମଚରଣ ମହାରଥୀଙ୍କ ପରଲୋକ



ଭୁବନେଶ୍ୱର, ୧୬/୮ (ନି.ପ୍ର): ଅବସରପ୍ରାପ୍ତ ଓଡ଼ିଶା ପରିବହନ କର୍ମଚାରି ପଦ୍ମଚରଣ ମହାରଥୀ (୭୮)ଙ୍କର ଶୁକ୍ରବାର ତାଙ୍କ ବାସଭବନରେ ହୃଦଘାତରେ ପରଲୋକ ଘଟିଛି। ସେ ଅବସର ପରେ ସ୍ଥାୟୀ ଭାବେ ଘର କରି କଳିଙ୍ଗ ବିହାର ଭୁବନେଶ୍ୱର ୨୫ବର୍ଷ ଧରି ରହି ଆସୁଥିଲେ। ସେ ଜଣେ ସରଳ, ମେଳାପୀ, ମିଷ୍ଟଭାସି, ପ୍ରକୃତି ପ୍ରେମୀ ବ୍ୟକ୍ତିତ୍ୱ ଲୋକ ଥିଲେ। ତାଙ୍କର ମୃତ୍ୟୁ ଖବରପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳିଙ୍ଗ ବିହାରର ବହୁ ବିଶିଷ୍ଟ ବ୍ୟକ୍ତି ଦର୍ଶକ କରି ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ମୃତ୍ୟୁ ସମୟରେ ତାଙ୍କର ୪ ଝିଅ ଓ ଜ୍ୱାଇଁ, ନାତି, ନାତୁଣି ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ପୁଅ ପ୍ରଭୁରଂଜନ ମହାରଥୀ ମୁଖାଗ୍ନି ଦେଇଥିଲେ।

# କମୁଛି ସୁବର୍ଣରେଖା ନଦୀର ଜଳସ୍ତର: ରାଜଘାଟଠାରେ ସତର୍କ ସୂଚନା ତଳେ ଜଳ ପ୍ରବାହିତ



ବାଲିଆପାଳ ୧୬.୮(ଆପ୍ର) ଶୁକ୍ରବାର ମଧ୍ୟ ରାତ୍ରରୁ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟା ଶନିବାର ମଧ୍ୟ ରାତ୍ରରୁ କମିବାରେ ଲାଗିଛି ।ରାଜଘାଟ ଠାରେ ସତର୍କ ସୁଚନା ତଳେ ବନ୍ୟା ଜଳ ପ୍ରବାହିତ ହେଉଥିଲେ ମଧ୍ୟ ବାଲିଆପାଳ ବ୍ଲକର ବହୁ ଗାଁ ଏବେବି ପାଣି ଘେରରେ ରହିଛି। ଗାଁ ଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥିବାରୁ ଗାଁ କୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। କେତେକ ସ୍ଥାନରେ ଶନିବାର ଅପରାହ୍ନ ଠାରୁ ୯ଟି ସ୍ଥାନରେ ସରକାରୀ ପାୱାର ବୋଟ ଚଳାଚଳ କରିବାରୁ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଜାରରୁ ନେଉ ଥିବାର ଦେଖିବାକୁ ମିଳିଛି। ବାଲିଆପାଳ ବିଷ୍ଣୁପୁର ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ୨ ଫୁଟରୁ ଉର୍ଦ୍ଧ୍ୱ ବନ୍ୟା ପାଣି ପ୍ରବାହିତ ହେଉଛି। ପଞ୍ଚରୁଖି ଠାରୁ ଚୌଧୁରୀକୁଦ ରାସ୍ତା ଉପରେ ୧ କୋଲୋମିଟ ପର୍ଯ୍ୟନ୍ତ ବନ୍ୟା ଜଳ ୩/୪ ଫୁଟ ଉପରେ ପ୍ରବାହିତ ହେଉଛି। ଅସ୍ତୀ ପଞ୍ଚାୟତର ପାଳଚମ୍ପେଇ ଗ୍ରାମ ସମ୍ପୁର୍ଣ୍ଣ ଭାବରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବାରୁ ଯିବା ଆସିବା ପାଇଁ ୧ କିମିରୁ ଅଧିକ ଦୁର ଅକାତ କାତ ପାଣିରେ ଲୋକେ ଦେଶି ଡଙ୍ଗା ସାହାଯ୍ୟରେ ଯାତାୟତ କରୁଛନ୍ତି । ମଧୁପୁରା ପଞ୍ଚାୟତର ପଞ୍ଚରୁଖି ଠାରୁ ଚୌଧୁରୀକୁଦ, ଜାମକୁଣ୍ଡା ଠାରୁ ତାଳପଦା, କୁହ୍ଲଚଡ, ଇକଡ଼ପାଳ,ନୟାବାଲି ଆଦି ଗ୍ରାମକୁ ବୋଟ ଯୋଗେ ଲୋକମାନେ ଯାତାୟାତ କରୁଛନ୍ତି। ରାଜଘାଟ ଠାରେ ସୁବର୍ଣ୍ଣରେଖା ନଦୀ ସତର୍କ ସଙ୍କେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୯.୪୫ ମିଟର ଥିବା ବେଳେ ୯ ମିଟର ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଛି। ସେହି ପରି ବାଲିଆପାଳ ବ୍ଲକର, ସାଉଡ଼ି, ବୋଲଙ୍ଗ, କୁଣ୍ଡୁଳୀ ଓ ବଣିଆଡିହା ପ୍ରଭୃତି ପଞ୍ଚାୟତରେ ଜଳକା ନଦୀର ବନ୍ୟାଜଳ ପ୍ରବାହିତ ହେଉଛି । ଏହି ବନ୍ୟାରେ ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଶୁଖିଲା ଖାଦ୍ୟ ଓ ପିଇବା ପାଣି ବଣ୍ଟନ କରଯାଇଛି। ତେବେ ବନ୍ୟା ଜଳସ୍ତର କମ ହେଉଥିଲେ ମଧ୍ୟ ଶନିବାର ମଧ୍ୟ ରାତି ଠାରୁ ଲଗାଣ ବର୍ଷା ଜନ ଜୀବନକୁ ଅସ୍ତ ବ୍ୟସ୍ତ କରି ପକାଇଛି ।ବାଲିଆପାଳ ବ୍ଲକରେ କୁଣ୍ଡୁଳୀ,ସାଉଡି, ବିଷ୍ଣୁପୁର ପଞ୍ଚାୟତରେ ବନ୍ୟା ପ୍ରଭାବିତ ୩୬୨୭ଜଣ ଲୋକ ମାନଙ୍କୁ ପ୍ରସାଶନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଥିବା ବିଡିଓ ଶ୍ରୀ ଦାଶ ସୂଚନା ଦେଇଛନ୍ତି।

# ମଧୁପୁରା ପଞ୍ଚାୟତରେ ୮୦ ତମ ସ୍ୱାଧିନତା ଦିବସ ପାଳିତ

ବାଲିଆପାଳ , ୧୬/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ଅଫିସ୍ ପରିସରରେ ଶୁକ୍ରବାର ୮୦ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚଙ୍କ ଗୀତାରାଣୀ ମାହାନା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଲମ୍ବୋଦର ମାହାନା, ସମିତି ସଭ୍ୟ ସୁଶାନ୍ତ କୁମାର ସେଠୀ, ନାଇବ ସରପଞ୍ଚ ବାବାଜୀ ବେହେରା,ପିଇଓ ପୁନମ୍ ଶବର, ଏଡିଓ ଗୟାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧିନରେ ଥିବା ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ପ୍ୟାରେଡ୍ ରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ୱାର୍ଡମେମ୍ବର ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଦେଶପ୍ରେମ ଭାବନା ସହ ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ



ପାରାଦୀପ, ୧୬/୮ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଦେଶର ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଦେଶପ୍ରେମ ଭାବନା ସହ ଶନିବାର ଦିନ ପାଳିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଅଧିକାରୀ, କର୍ମଚାରୀ, ଅଧିକାରୀ ସଙ୍ଘ ଓ କର୍ମଚାରୀ ସଂଘର ସଦସ୍ୟ, ଇଫକୋ ଟାଉନସିପ୍‌ର ବାସିନ୍ଦା ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଏକ ଭବ୍ୟ ସମାରୋହର ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଏକ ଆକର୍ଷଣୀୟ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି ଶ୍ରୀ ସିଂହ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତା ପାଇଁ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଅମୂଲ୍ୟ ତ୍ୟାଗକୁ ସ୍ମରଣ କରିଥିଲେ। ବିଶେଷକରି ବର୍ତ୍ତମାନର ବିଶ୍ୱ ଅନିଶ୍ଚିତତା ଏବଂ ପରିବର୍ତ୍ତନଶୀଳ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ଦେଶର ଅଖଣ୍ଡତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଏକତାକୁ ସୁରକ୍ଷିତ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। କୃଷକ ସମାଜ ପ୍ରତି ଇଫକୋ ର ପ୍ରତିବଦ୍ଧତା ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଥିଲେ ଯେ, ଦେଶର କୃଷକମାନଙ୍କ ସେବା କରିବା ସହ ଇଫକୋ ନିଜର ସମବାୟ ଭାବଧାରାକୁ ଅବିଚଳିତ ଭାବେ ବଜାୟ ରଖିଛି। ସେ କହିଥିଲେ ଯେ ଇଫକୋ କେବଳ ଏକ ସାର ଉତ୍ପାଦନକାରୀ ସଂସ୍ଥା ନୁହେଁ, ବରଂ ଦେଶର କୋଟି କୋଟି କୃଷକଙ୍କ ସମୃଦ୍ଧି, ଦେଶର ଖାଦ୍ୟ ସୁରକ୍ଷା ଏବଂ ଜାତୀୟ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ମାନ୍ୟବର ଚେୟାରମ୍ୟାନ୍ ଶ୍ରୀ ଦିଲୀପ ସଂଘାଣୀ ଜୀ ଏବଂ ମ୍ୟାନେଜିଂ ଡାଇରେକ୍ଟର୍ ଶ୍ରୀ କେ. ଜେ. ପଟେଲ୍ ଜୀଙ୍କ ଦୂରଦୃଷ୍ଟିର ଉଲ୍ଲେଖ କରି ଶ୍ରୀ ସିଂହ କହିଥିଲେ ଯେ, ଇଫକୋ ପ୍ରଯୁକ୍ତିଗତ ଉତ୍କର୍ଷ, ନବସୃଜନ, ଡିଜିଟାଲ୍ ପରିବର୍ତ୍ତନ, ଶକ୍ତି ଦକ୍ଷତା, ପରିବେଶ ସୁରକ୍ଷା, ସୁରକ୍ଷା ବ୍ୟବସ୍ଥା ଏବଂ କୃଷକ-କେନ୍ଦ୍ରିକ ସେବା ମାଧ୍ୟମରେ ଏକ ଅଗ୍ରଣୀ ବିଶ୍ୱ ସମବାୟ ସଂସ୍ଥା ଭାବେ ନିଜର ସ୍ଥାନକୁ ଆହୁରି ସୁଦୃଢ଼ କରିବାକୁ ପ୍ରତିବଦ୍ଧ। ସେ ସମସ୍ତ କର୍ମଚାରୀଙ୍କୁ ଏହି ଦୂରଦୃଷ୍ଟିକୁ ବାସ୍ତବ ରୂପ ଦେବା ପାଇଁ ସାମୂହିକ ଭାବେ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ। ସମ୍ପ୍ରତି କିଛି ମାସ ଧରି କଞ୍ଚାମାଲର ଉପଲବ୍ଧତା ଓ ଯୋଗାଣ ସମ୍ପର୍କରେ ସଂସ୍ଥା ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ ଗୁଡ଼ିକର ମଧ୍ୟ ଶ୍ରୀ ସିଂହ ଉଲ୍ଲେଖ କରିଥିଲେ। ଏହି ଚ୍ୟାଲେଞ୍ଜ ସତ୍ତ୍ୱେ ୟୁନିଟ୍‌ର ସୁଚାରୁ କାର୍ଯ୍ୟ ପରିଚାଳନା ନିଶ୍ଚିତ କରିବାରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦର୍ଶିତ ଉତ୍କୃଷ୍ଟ ସମନ୍ୱୟ, ଦୂରଦୃଷ୍ଟି ଓ ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଥିଲେ। ପରିବେଶ ସୁରକ୍ଷା ଓ ଶକ୍ତି ଦକ୍ଷତା ସମ୍ପର୍କିତ ଇଫକୋ ର ପଦକ୍ଷେପ ବିଷୟରେ ଶ୍ରୀ ସିଂହ ଆଲୋକପାତ କରିଥିଲେ। ଦେଶର ୨୦୭୦ ସୁଦ୍ଧା ନେଟ୍ ଜିରୋ ଏମିସନ୍ ଲକ୍ଷ୍ୟ ସହ ସମନ୍ୱୟ ରଖି ପାରାଦୀପ ୟୁନିଟ୍‌ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ। ଏହି ପଦକ୍ଷେପଗୁଡ଼ିକ ଶକ୍ତି ଦକ୍ଷତା ବୃଦ୍ଧି, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ କାର୍ବନ୍ ନିର୍ଗମନ କମାଇବାରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଅବହେଳିତ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକମାନଙ୍କ କଲ୍ୟାଣ, ବିଶେଷକରି ପ୍ଲାଣ୍ଟ ନିକଟବର୍ତ୍ତୀ ଅଞ୍ଚଳର ସମାଜ ପାଇଁ ଜ୍ୟୋତି ଲେଡିଜ୍ କ୍ଲବ୍ ଦ୍ୱାରା ନିରନ୍ତର କରାଯାଉଥିବା ସେବାମୂଳକ କାର୍ଯ୍ୟକୁ ମଧ୍ୟ ଶ୍ରୀ ସିଂହ ପ୍ରଶଂସା କରିଥିଲେ। ଏହି ଅବସରରେ ଇଫକୋ ର ବରିଷ୍ଠ ଅଧିକାରୀ ଓ ପ୍ରମୁଖ ପଦାଧିକାରୀମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ଜେନା, ସଭାପତି, ଇଫକୋ ଅଫିସର୍ସ ଆସୋସିଏସନ ର ସଭାପତି ସୁଶାନ୍ତ କୁମାର ଜେନା ଓ ସାଧାରଣ ସମ୍ପାଦକ ସତ୍ୟଜିତ ଖୁଣ୍ଟିଆ,ଇଫକୋ କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ଓ ସାଧାରଣ ସମ୍ପାଦକ ତୃପ୍ତି ରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ଇଫକୋ ପ୍ରଶାସନିକ ମୁଖ୍ୟ ବିଜୟ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସେ ସମସ୍ତ ମାନ୍ୟବର ଅତିଥି, ଅଧିକାରୀ, କର୍ମଚାରୀ, ଆସୋସିଏସନ୍ ଓ ୟୁନିଅନ୍‌ର ପ୍ରତିନିଧି, ଟାଉନସିପ୍ ବାସିନ୍ଦା, ଛାତ୍ରଛାତ୍ରୀ ଏବଂ ଅନ୍ୟ ସମସ୍ତଙ୍କୁ ସେମାନଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ ପାଇଁ କୃତଜ୍ଞତା ଜଣାଇଥିଲେ, ଯାହା ଫଳରେ ସ୍ୱାଧୀନତା ଦିବସ ସମାରୋହ ଏକ ଭବ୍ୟ ସଫଳତାରେ ପରିଣତ ହୋଇଥିଲା।

# ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ୍) ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ



ପାରାଦୀପ, ୧୬/୮ (ନି.ପ୍ର): ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ୍) ପକ୍ଷରୁ ପିପିଏଲ ଟାଉନସିପ୍‌ର ନବରତ୍ନ ଗ୍ରାଉଣ୍ଡରେ ଭାରତର ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଦେଶପ୍ରେମର ସହିତ ପାଳିତ ହୋଇ ଯାଇଛି। ଏହି ଅବସରରେ କମ୍ପାନୀର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏବଂ ଡିଏଭି ସ୍କୁଲର ଶିକ୍ଷକ, ଛାତ୍ରଛାତ୍ରୀମାନେ ଏକାଠି ହୋଇ ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ପିପିଏଲ୍‌ର ମୁଖ୍ୟ ଉତ୍ପାଦନ ଅଧିକାରୀ ତଥା ୟୁନିଟ୍ ହେଡ୍ ଏସ୍. ଗିରିଶ୍‌ଙ୍କ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସ୍ୱାଧୀନତା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।କମ୍ପାନୀ ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସୁମିତ୍ ସେନାପତି, ଅର୍ଥ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରଶାନ୍ତ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ସମସ୍ତ କାର୍ଯ୍ୟକ୍ରମ ପିପିଏଲ୍‌ର ମୁଖ୍ୟ ସୁରକ୍ଷା ଅଧିକାରୀ ଶ୍ରୀଷା ପ୍ରୁଷ୍ଟିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ



ପାରାଦୀପ, ୧୬/୮ : ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ୮୦ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହର ସହିତ ପାଳନ କରାଯାଇଛି। ରିଫାଇନାରୀ ସୁବାସ ଚନ୍ଦ୍ର ବୋଷ ଷ୍ଟାଡିୟମରେ ରିଫାଇନରୀ କର୍ମଚାରୀଙ୍କ ପରିବାର ସଦ୍ୟସ ମାନେ ଏକତିତ୍ର ହୋଇ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆମ ଦେଶର ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରୀ ବସୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାଦୀପ ରିଫାଇନରୀ ନିକଟସ୍ଥ ଅନାଥାଶ୍ରମକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରି ସେଠାକାର ଲୋକଙ୍କ ମଧ୍ୟରେ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା ।

# ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତାପାଠ ଆସର ଅନୁଷ୍ଠିତ




ବ୍ରହ୍ମପୁର, ୧୬/୮ (ନି.ପ୍ର): ପ୍ରାଚୀନ ସାହିତ୍ୟ ସଂସଦ, ବ୍ରହ୍ମପୁରର ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ପାଠ ଆସର ବ୍ରହ୍ମପୁରସ୍ଥିତ ଉତ୍କଳ ଆଶ୍ରମ ପାଠାଗାର ଗୃହରେ ଅନୁଷ୍ଠିତ ହୋଇଯାଇଛି । ସୁସାହିତ୍ୟିକ ଡ. ଲକ୍ଷ୍ମୀ ନାରାୟଣ ଦାଶ ଆସରର ସଭାପତିତ୍ୱ କରି ନିଜର ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ସାମନ୍ତଆପଲୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ତଥା ସୁସାହିତ୍ୟିକ ଓ ପ୍ରାବନ୍ଧିକ ଡ. ଅଶୋକ କୁମାର ପଣ୍ଡା ମୁଖ୍ୟ ଆଲୋଚକ ଭାବେ ମଧ୍ୟଯୁଗୀୟ ସାହିତ୍ୟର ଉତ୍କର୍ଷତା ତଥା କାବ୍ୟ ଓ କବିତାର ରସାତ୍ମକତା ସମ୍ବନ୍ଧରେ ସାରଗର୍ଭକ ଆଲୋଚନା କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଯୁକ୍ତ ବଂଶୀଧର ସେଠୀ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଙ୍କ କିଛି କାବ୍ୟ କୃତିକୁ ସୁଲଳିତ ଓ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ । କବୟିତ୍ରୀ ଓ ଗାଳ୍ପିକା ଶ୍ରୀମତୀ ସରୋଜିନୀ ସାହୁ କବିତା ଆସରର ସଂଯୋଜନା କରିଥିଲେ । ପରିଶେଷରେ ଇଂ. ବିଜୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାହିତ୍ୟ ଆସରରେ ପ୍ରାୟ ପଚିଶ ଜଣ ବିଶିଷ୍ଟ ଓ ବରିଷ୍ଠ କବି, ଲେଖକ ଓ ସୁସାହିତ୍ୟିକ ଯୋଗଦାନ କରିଥିଲେ । ବର୍ଷୀୟାନ କବି ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରମୋଦ କୁମାର ପଣ୍ଡା, ବଂଶୀଧର ସେଠୀ, କାଳୀପ୍ରସାଦ ରାଓ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବିଘ୍ନେଶ୍ୱର ସାହୁ, ଇଂ. ବିଜୟ ଚନ୍ଦ୍ର ମିଶ୍ର, ସୌଦାମିନୀ ମିଶ୍ର, ସଂଯୁକ୍ତା ତ୍ରିପାଠୀ, ଶଙ୍କର୍ଷଣ ତ୍ରିପାଠୀ, ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଡ. ହରେକୃଷ୍ଣ ପଣ୍ଡା, ଇଂ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଗନ କୁମାର ଦାଶ ପ୍ରମୁଖ ଏହି ଆସରରେ ସ୍ୱରଚିତ କବିତା ପାଠ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଝରଣାର ପ୍ରଖରସ୍ରୋତକୁ ନେଇ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ନୀଳଗିରି, ୧୬/୮ (ନି.ପ୍ର): ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି । ନୀଳଗିରିରେ ଲଘୁଚାପ ବର୍ଷା ଗୁରୁବାର ରାତ୍ରିଠାରୁ ଲାଗିରହିଥିବା ବେଳେ ଶନିବାର ରାତ୍ରିରେ ମଧ୍ୟ ପ୍ରବଳବର୍ଷା ହୋଇଥିଲା। ଫଳରେ ରବିବାର ଏହି ଲଗାଣ ବର୍ଷା ଯୋଗୁଁ ଦେବଗିରି ପାହାଡ଼ର ୫ଫୁଟ ଉଚ୍ଚର ଝରଣା ପାଣିର ପ୍ରଖରସ୍ରୋତ ଆସି ଶୈବପୀଠ ପଥର ଖୋଲଦେଇ ତଳକୁ ଯାଉଥିବା ଏବଂ ପଞ୍ଚଲିଙ୍ଗେଶ୍ୱର ମୁଖ୍ୟ ଫାଟକଦେଇ ମଧ୍ୟ ପାହାଡପାଣିର ସ୍ରୋତ ଆସିଥିଲା। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରଷ୍ଟବୋଡ ପକ୍ଷରୁ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଥିବା ଜଣାପଡ଼ିଛି। ସୂଚନା ଦେବଗିରି ପର୍ବତ ମାଳାର ଅଂଶବିଶେଷ ର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି । ଏଠାରେ ନୀର ଶଯ୍ୟାରେ ବିଜେ ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରି ସାନିଧ୍ୟ ଲାଭ କରିବାର ସୁଯୋଗ ମିଳିଥାଏ। ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରିବାର ସୁଯୋଗ ଥିବାରୁ ବିଶ୍ୱାସ ଅଛି ପାଞ୍ଚଟି ଶୈବପୀଠ ରେ ପୂଜା କଲେ ଯେଉଁ ପୁଣ୍ୟ ମିଳିଥାଏ ପଞ୍ଚଲିଙ୍ଗେଶ୍ୱର ରେ ସମାନ ପୂଣ୍ୟ ମିଳିଥାଏ। ରାଜ୍ୟ ଏବଂ ରାଜ୍ୟ ବାହାରୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିଥାନ୍ତି। ପାହାଡ ପାଣିର ପ୍ରଖର ସ୍ରୋତକୁ ନେଇ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଥିବାରୁ ବହୁ ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ କାଉଡିଆ ମୁଖ୍ୟ ଫାଟକ ବାହାରୁ ଫେରୁଥିବାର ଦେଖିବାକୁ ମିଳିଥିଲା।



# ‘ଚେତନା’ ପରିବାର ତରଫରୁ ୮୦ତମ ସ୍ୱାଧୀନତା ଦିବସ ପାଳନ




ବାଲେଶ୍ୱର, ୧୬/୮ (ନି.ପ୍ର): ଅନ୍ୟତମ ସାମାଜିକ ତଥା ପରୋପକାରୀ ସଂଗଠନ ‘ଚେତନା’ ପକ୍ଷରୁ ସହରର ଧଉଳି ନଗରସ୍ଥ ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ପ୍ରାକ୍ତନ ଓଡ଼ିଶା ସରକାରଙ୍କ ଅଧିକାରୀ ତଥା ଓକିଲ ମାୟାଧର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିବା ଅବସରରେ ସବୁ ଧର୍ମ, ଜାତି, ବର୍ଗ, ଭାଷାର ଉର୍ଦ୍ଧ୍ୱରେ ଥାଇ ଭାରତ ମାତା ପାଇଁ ଏକତ୍ରିତ ହୋଇ ନିଜ ନିଜର କାର୍ଯ୍ୟ କରିବାକୁ ସୁ-ପରାମର୍ଶ ଦେଇଥିଲେ। ସଂଗଠନର ପ୍ରତିଷ୍ଠାତା ସଂପାଦକ, ଆଇନଜୀବୀ ପର୍ଶୁରାମ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ କବି ଉପଦେଷ୍ଟା ପ୍ରଶାନ୍ତ ଦାସ, ଶିକ୍ଷାବିତ- ମୂରଲୀଧର ନାୟକ, ରୋଟାରିଆନ- ଯଶୋଦା ନଂଦନ ଆଶ୍, ଆଇନଜୀବ, କବି ଶ୍ରୀଦେବ, ଭି.ଫାଉଣ୍ଡେସନର ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ- ବିପ୍ଳବ କୁମାର ଦାସ ମହାପାତ୍ର, ଉତ୍ତମ ମାଇତି, ବରିଷ୍ଠ ଓକିଲ ସିଦ୍ଧାନ୍ତ ଶେଖର ରାଉଳ ପ୍ରମୁଖ ବ୍ୟକ୍ତି ବିଶେଷ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ମାନ ଜଣାଇ ନିଷ୍ଠା ସହ ନିଜ ନିଜର କର୍ତ୍ତବ୍ୟ ସଂପାଦନା ସହ ସମାଜ ତଥା ସବୁ ବର୍ଗର ହିତ କଳ୍ପେ ସାଧ ମୁତାବକ ପରୋପକାରୀ ହେବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ରାଜୀବ କୁମାର ବେହେରା, ସାଇ ଆଶିଷ ପ୍ରଧାନ, ପୂର୍ଣ୍ଣେନ୍ଦୁ ମହାନ୍ତି, ବାଞ୍ଛାନିଧି ଦାସ, ଶୁଭ୍ରାଂଶୁ ଦଣ୍ଡପାଟ, ସେଖ ରମଜାନି ପ୍ରମୁଖଙ୍କ ଉପସ୍ଥିତିରେ ଅନଙ୍ଗ ମଞ୍ଜରୀ, ସୁସ୍ମିତା ଖ୍ରୀଷ୍ଟିଆନ, ହରେକୃଷ୍ଣ ପରିଡ଼ା, ଅଜୟ କୁମାର ମହାନ୍ତିଙ୍କ, ଇଂ ଲୁତଫର ସହ ରହେମାନ ସହରର ବହୁ ବରିଷ୍ଠ / ବିଶିଷ୍ଟ ବ୍ୟକ୍ତି ସମୁହ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।

# ଜିଲ୍ଲାପାଳଙ୍କୁ ସାମ୍ବାଦିକ ସଂଘ ସାକ୍ଷାତ କରିବା ଏକ ବର୍ଷ ବିତିଲା : ଫଳ ଶୂନ



ବୈଶିଙ୍ଗା , ୧୬/୮ (ନି.ପ୍ର): ପୂର୍ବ ସରକାର ବୈଶିଙ୍ଗା ଠାରେ ସାମ୍ବାଦିକ ମାନଙ୍କ ପାଇଁ ଏକ କମ୍ୟୁନିଟୀ ହଲ ନିର୍ମାଣ ବାବଦରେ ତିନି ଲକ୍ଷ ପଚାଶ ହଜାର ଟଙ୍କା ମଞ୍ଜୁର କରିଥିଲେ ।ଇତ୍ୟବସରରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବାରୁ ୨୦୨୫ ବର୍ଷ ଜାନୁଆରୀରୁ କାର୍ଯ୍ୟ ଆରମ୍ଭ ହେଲା । ସରକାରୀ ଜିଓ ଟ୍ୟାଗ ଓ ଲେ ଆଉଟ ଦେବା ପରେ ବିଭାଗୀୟ ଜେଇ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ହୋଇ ଚାଲିଲା । କାର୍ଯ୍ୟର ଶେଷ ପର୍ଯ୍ୟାୟରେ ବିଧାୟକ ସନାତନ ବିଜୁଳି ବିଡିଓ ଙ୍କ ଜରିଆରେ ବୈଶିଙ୍ଗା ପୋଲିସ ଦ୍ୱାରା ଜୁନ ୨ ତାରିଖରେ କାର୍ଯ୍ୟଟିର ଛାତ ପକାଇବା ବନ୍ଦ କରିଥିଲେ।ଏ କଥା ଆଇ ଆଇ ସି ବାରିଣୀ ଦାସ ପ୍ରକାଶ କରି ଥିଲେ ।ଏହା ପରେ ତତ୍କାଳୀନ ବିଡିଓ ସୁଶାନ୍ତ ସୁତାର ଙ୍କୁ ସାକ୍ଷାତ କରିବାରୁ ସେ କହିଲେ ବିଧାୟକ ଙ୍କୁ ସନ୍ତୁଷ୍ଟ କରିପାରି ନ ଥିବାରୁ ସେ ବିରୋଧ କରିଛନ୍ତି । ଏହାପରେ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରିବା ପରେ ସେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କୁ ଫୋନ ଯୋଗେ ଜଣାଇବା ସହିତ ସାମ୍ବାଦିକ ମାନଙ୍କୁ ତାଙ୍କ ନିକଟକୁ ପଠାଇଥିଲେ। ସମସ୍ତ ସାମ୍ବାଦିକ ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କୁ ସମସ୍ତ ଘଟଣା ଜଣାଇବା ପରେ ସେ ମଧ୍ୟ ବିଡିଓଙ୍କୁ ଫୋନ ଯୋଗେ ଜଣାଇବା ସହିତ ପୁଣି ସାମ୍ବାଦିକ ମାନଙ୍କୁ ବିଡିଓ ଙ୍କୁ ସାକ୍ଷାତ କରିବା ପାଇଁ କହିଲେ । ତହିଁ ପରଦିନ ପୁଣି ବିଡିଓ ଙ୍କୁ ସାକ୍ଷାତ କରିବା ପରେ ସେ କହିଲେ ଆପଣ ମାନେ ବିଧାୟକ ସନାତନ ବିଜୁଳି ଙ୍କୁ ଠିକ୍ ଭାବରେ ସନ୍ତୁଷ୍ଟ କରିପାରି ନାହାନ୍ତି ଏଣୁ ସେ ରାଜି ହେଉ ନାହାନ୍ତି । ଅନୁସନ୍ଧାନ ରୁ ଯାହା ଜଣାଗଲା ପୁରୁଣା ସମସ୍ତ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପ୍ରକଳ୍ପ ଗୁଡ଼ିକରୁ ବିଧାୟକ ସିଧା ସଳଖ ଦଶ ପ୍ରତିଶତ ପିସି ନେଉ ଥିବାର ଶୁଣାଯାଉଛି । ଏପଟେ ତିନି ମାସ ଧରି କାର୍ଯ୍ୟ ବନ୍ଦ ରହିବା ଏବଂ ମିସ୍ତ୍ରୀ, ଲେବର ଏବଂ ସପ୍ଲାୟର ତାଙ୍କ ପ୍ରାପ୍ୟ ପାଇ ନ ଥିବା ଯୋଗୁଁ କାର୍ଯ୍ୟନିର୍ବାହୀ ଜେଇ ଙ୍କ ଠାରେ ଗୁହାରୀ କରିଥିଲେ । ପରବର୍ତ୍ତୀ ସମୟରେ ପୁନର୍ବାର ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କୁ ସାକ୍ଷାତ କରିବାକୁ ଯାଇଥିବା ସମୟରେ ଦୈବ ଯୋଗକୁ ବିଧାୟକ ସନାତନ ବିଜୁଳି ଙ୍କ ମଧ୍ୟ ଆସିବାର ଥିବାରୁ ସେ କହିଲେ ଆପଣଙ୍କ ବିଧାୟକ ଆସିଛନ୍ତି ତାଙ୍କ ସହିତ କଥା ହୋଇ ଆପଣଙ୍କୁ ଜଣାଇବି, ଆପଣ ମାନେ ବାହାରେ ଅପେକ୍ଷା କରନ୍ତୁ । ମାତ୍ର ଏକ ଘଣ୍ଟା ପରେ କେହି ନ ଥିବାର ଦେଖି ସମସ୍ତେ ପଳାଇ ଆସିଲେ । ପରଦିନ ସି ଡି ଓ ଙ୍କୁ ଫୋନ କରିବାରୁ ସେ କହିଲେ ବିଧାୟକ ସନାତନ ବିଜୁଳି ରୋକ୍ ଠୋକ୍ ମନା କରିଦେଲେ । ବାଧ ହୋଇ ଜିଲ୍ଲା ସାମ୍ବାଦିକ ସଂଘ ନିକଟରେ ଅବଗତ କରାଇବା ପରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଙ୍କ ନେତୃତ୍ୱରେ କୋଡିଏ ରୁ ଅଧିକ ସାମ୍ବାଦିକ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ସମସ୍ତ ବୃତ୍ତାନ୍ତ ବଖାଣିବା ସହିତ ଏକ ଅଭିଯୋଗ ଫର୍ଦ୍ଦ ପ୍ରଦାନ କରିଥିଲେ। ସାତ ଦିନ ମଧ୍ୟରେ ସମାଧାନ ନ ହେଲେ ଆଇନ ର ଆଶ୍ରୟ ନେବାକୁ ବାଧ ହେବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । ଏଥିରୁ ବିଜେପି ସରକାର ସାମ୍ବାଦିକ ମାନଙ୍କ ପ୍ରତି କେତେ ସଚେତନ ଅନୁମାନ କରା ଯାଇପାରେ ।

# ଭୀମକ୍ଷମ ପିଲାମାନେ ପାଳିଲେ ୮୦ ତମ ସ୍ୱାଧିନତା ଦିବସ



ବାଲିଆପାଳ, ୧୬/୮ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା ଠାରେ ଥିବା ମଦର ଟେରେସା ସେବା ସଂଘ ବିଦ୍ୟାଳୟ ପକ୍ଷରୁ ସ୍ୱାଧିନତା ଦିବସ ପାଳନ ହୋଇଯାଇଛି। ମୂଖ୍ୟ ଅତିଥି ଭାବେ ପୂର୍ବତନ ଡ଼ିଆଇ ସୁବାସ ଚୈଧୁରୀ ଯୋଗଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହିତ ଦେଶର ଅଖଣ୍ଡତକୁ ବଜାୟ ରଖି ସମସ୍ତେ ଭାରତ ମାତାର ସନ୍ତାନ ଭାବେ ନିଜକୁ ପ୍ରତିପାଦିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ରବିନ୍ଦ୍ର କୁମାର ଦତ୍ତ, ଅଧକ୍ଷ ମହେଶ୍ୱର ବେହେରା, ପ୍ରମୋଦ କୁମାର ସେନାପତି ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷକ ବଳରାମ ନାୟକ, ସାହୁ ଚରଣ ସାହୁ, ଚିତ୍ତ ରଞ୍ଜନ ଜେନା ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସଦସ୍ୟ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଡାକବିଭାଗ କର୍ମଚାରୀଙ୍କ ଦ୍ୱାରା ସ୍ୱର୍ଗତ ଜୀବନକୃଷ୍ଣ ଦାସଙ୍କ ୧୦୨ତମ ଜୟନ୍ତୀ ସମାରୋହ




ବାଲେଶ୍ୱର, ୧୬/୮ (ନି.ପ୍ର): ବାଲେଶ୍ୱର ଡାକକର୍ମଚାରୀ ଓ ପେନ୍ସନ୍ ଭୋଗୀଙ୍କ ତରଫରୁ ସହଦେବଖୁଣ୍ଟାସ୍ଥିତ ସଭାଗୃହ ‘ଜୀବନକୃଷ୍ଣ ଭବନ’ରେ ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ଜୀବନକୃଷ୍ଣ ଦାସଙ୍କ ୧୦୨ ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତୃତୀୟଶ୍ରେଣୀ ସଂଘର ସଭାପତି ସାଥୀ ଅଜୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ । ବରିଷ୍ଠ ଆଇନଜୀବୀ ତଥା ବାଲେଶ୍ୱର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ସାଥୀ ନିରଞ୍ଜନ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ସାଥୀ ଗୌରମୋହନ ସିଅଳ, ସାଥୀ ବ୍ରଜେନ୍ଦ୍ର ନାଥ ପାତ୍ର ଓ ସର୍କଲ ସଂଘର ପୂର୍ବତନ ନେତା ସାଥୀ ସୁକାନ୍ତ କୁମାର ବେହେରାଙ୍କ ବିୟୋଗରେ ସେମାନଙ୍କ ଆତ୍ମାର ସଦଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ବଳରାମ ଜେନା ଗୀତା ପାଠ କରିଥିଲେ । ପୂର୍ବତନ ସଂପାଦକ ସାଥୀ ଅକ୍ଷୟ କୁମାର ତ୍ରିପାଠୀ, ବର୍ତ୍ତମାନର ସଂପାଦକ ସାଥୀ କାର୍ତ୍ତିକ ଚନ୍ଦ୍ର ଦାସ, ଉପସଭାପତି ସାଥୀ ରାଜେନ୍ଦ୍ର ମଲ୍ଲିକ, ବାଲେଶ୍ୱର ପ୍ରଧାନ ଡାକଘର ଡାକପାଳ ସାଥୀ ଅନୀଲ କୁମାର ସାହୁ, କୁଞ୍ଜ ବିହାରୀ ଦାଶ, ବଳରାମ ଜେନା, ମହେଶ୍ୱର ନାୟକ, ଗୋପାଳ ଚନ୍ଦ୍ର ପଡ଼ିଆରୀ, କୋଷାଧ୍ୟକ୍ଷ ଦୈପାୟନ ସାହୁ, ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଓ ଏଆଇଟିୟୁସିର ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ଉପସ୍ଥିତ ରହି ସେମାନଙ୍କର ବକ୍ତବ୍ୟରେ ସ୍ୱର୍ଗତ ଦାସଙ୍କୁ ଜଣେ ଆଦର୍ଶ ନୀତିବାନ ଓ ଟାଣୁଆ ନେତା ଥିଲେ ବୋଲି କହିଥିଲେ। ତାଙ୍କର କାର୍ଯ୍ୟକାଳ ସମୟରେ ସେ ବାଲେଶ୍ୱରରେ ସର୍ବଭାରତୀୟ ଡାକ ସମ୍ମିଳନୀ, କର୍ମଚାରୀଙ୍କ ପାଇଁ ସମବାୟ ସମିତିର ପ୍ରତିଷ୍ଠା ଓ ଡାକକର୍ମଚାରୀଙ୍କ ସୁରକ୍ଷା ପାଇଁ ବହୁ ଜନହିତକର କାର୍ଯ୍ୟ କରିଥିଲେ । ତତ୍‌ସହିତ ଓଡ଼ିଶା ସର୍କଲ ତୃତୀୟ ଶ୍ରେଣୀ ସଂଘର ସଂପାଦକ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ସ୍ମୃତି ପାଇଁ ସହଦେବଖୁଣ୍ଟାରେ ତାଙ୍କ ନାମରେ ଏକ ତିନିମହଲା ବିଶିଷ୍ଟ ସଂଘଗୃହ ନିର୍ମାଣ ହୋଇଛି । ସାଥୀ କାର୍ତ୍ତିକ ଚନ୍ଦ୍ର ଜାନା, ମନୋଜ କୁମାର ମଲ୍ଲିକ, ଅଜିତ କୁମାର ମହାନ୍ତି, ରୁଚିର ସାମଲ, ଦୁଧୁରାମ ସିଂ, ହରିହର ଭୂୟାଁ, ପରମେଶ୍ୱର ଜେନା, ଅଂଶୁମାନ କୁଣ୍ଡ, ଦିଲ୍ଲୀପ କୁମାର ମାଝୀ, ଗୋବିନ୍ଦ ଚନ୍ଦ୍ର ଘୋଷ, ମନୋରଞ୍ଜନ ପଣ୍ଡା, ପ୍ରଦୀପ କୁମାର ନାୟକ, ସନ୍ତୋଷ କୁମାର ଦାସ, ପରମେଶ୍ୱର ବାରିକ, ଅନିରୁଦ୍ଧ ବେହେରା, ପ୍ରଦୀପ କୁମାର ଲେଙ୍କା, ମନୋଜ କୁମାର ତରେଇ, ସରୋଜ କୁମାର ସାହୁ, ରଶ୍ମିରେଖା ମହାନ୍ତି, ରବି କୁମାର ପାଣିଗ୍ରାହୀ ପ୍ରମୁଖ ବହୁ କର୍ମଚାରୀ ପେନସନ୍‌ଭୋଗୀ ସାଥୀମାନେ ଯୋଗଦେଇଥିଲେ। ଶେଷରେ ସଂଘର ସଂଗଠନ ସଂପାଦକ ସାଥୀ ପ୍ରଭାତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମାଛ ଧରୁଥିବା ବେଳେ ପାଣିରେ ବୁଡ଼ି ମୃତ୍ୟୁବରଣ କଲେ ଯୁବ ଅଧ୍ୟାପକ



ବୈଶିଙ୍ଗା, ୧୬/୮ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କସିପଦା ନିକଟରେ ମୋହନ ବାଙ୍କ ଜଳାଶୟରେ ମାଛ ଧରୁଥିବା ବେଳେ ପାଣିରେ ବୁଡି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ଗଣ୍ଡର୍ଦ୍ଧା ଗ୍ରାମର ମନୋରଞ୍ଜନ ରାଉତଙ୍କ ପୁଅ ପଙ୍କଜ ରାଉତ (୨୮) ଶନିବାର ପୂର୍ବାହ୍ନ ସମୟରେ ବାଲକା - ଗଣ୍ଡର୍ଦ୍ଧା ରାସ୍ତା ର ମୋହନ ବାଙ୍କ କୁ ମାଛ ଧରିବା ପାଇଁ ଆସିଥିଲେ । ସେହିଠାରେ ନୂତନ ଭାବେ ପୋଲ ତିଆରି ହେଉଥିବା ବେଳେ ପାର୍ଶ୍ୱରୁ ମାଟି ଉଠା ଯାଇଥିବା ଯାଗାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ଯାଇଥିଲା । ସେହି ପଟ ଦେଇ ବନ୍ୟାଜଳ ପ୍ରବାହିତ ହେଉଥିଲା । ମାଛ ଧରିବା ପାଇଁ ପଙ୍କଜ ଯାଉଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସି ଯାଇଥିଲା । ଫଳରେ ପାଣି ସୁଅରେ ଭାସି ଯାଇଥିଲେ । ପାଖରେ ଉପସ୍ଥିତ ଥିବା ଲୋକ ମାନେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପାଇନଥିଲେ । ଦୀର୍ଘ ସମୟରେ ପାଣିରୁ ପଙ୍କଜଙ୍କ ଶରୀରକୁ ଉଦ୍ଧାର କରିବା ମାତ୍ରେ ବାଲେଶ୍ୱର ମେଡିକାଲକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ମୃତକ ପଙ୍କଜ ବାଲେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ଶିକ୍ଷକତା କରୁଥିଲେ । ପଙ୍କଜଙ୍କ ମୃତ୍ୟୁ ପରେ ଗଣ୍ଡର୍ଦ୍ଧା ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଥିବା ଜଣାଇଛି ।

## AFFIDAVIT

I Prabhati Mukhi, W/o Rakesh Mukhi, Vill. Renupada, P.O. Barada, Dist. Balasore hereby declared that wrongly my name is mentioned in my Aadhar as Prabhat Mukhi. In virtue of the affidavit in the Court of Executive Magistrate, Basta I will be known as Prabhati Mukhi instead of Prabhat Mukhi in every document.

Sd-
Prabhati Mukhi

# ରାଜ୍ୟ ବରିଷ୍ଠ ସାମ୍ବାଦିକ ସଙ୍ଘ ବୈଠକରେ ଦାବି

## ସାମ୍ବାଦିକ ପେନସନ ପ୍ରସଙ୍ଗରେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ତୁରନ୍ତ ସରକାର କାର୍ଯ୍ୟକାରୀ କରନ୍ତୁ




ଭଦ୍ରକ, ୧୬/୮ (ନି.ପ୍ର): ରାଜ୍ୟରେ ବରିଷ୍ଠ ସାମ୍ବାଦିକ ପେନସନ ପ୍ରସଙ୍ଗରେ ମାନ୍ୟବର ଓଡିଶା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜ୍ୟ ବରିଷ୍ଠ ସାମ୍ବାଦିକ ସଙ୍ଘ ପକ୍ଷରୁ ଦାବୀ କରାଯାଇଛି। ରବିବାର ଦିନ ଭଦ୍ରକ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ରାଜ୍ୟ ବରିଷ୍ଠ ସାମ୍ବାଦିକ ସଙ୍ଘ ଜିଲ୍ଲା ସାଧାରଣ ବୈଠକରେ ଏହି ଦାବୀ ଉପସ୍ଥାପନ କରାଯାଇଛି । ଜିଲ୍ଲା ବରିଷ୍ଠ ସାମ୍ବାଦିକ ସଙ୍ଘ ସଭାପତି ଦୁର୍ଗା ବିଶ୍ୱାଳଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ପ୍ରମୋଦ ରାୟଙ୍କ ସଭା ସଂଚାଳନରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇ ସଙ୍ଘର ରାଜ୍ୟ ସଭାପତି କାହ୍ନୁ ନନ୍ଦ କହିଥିଲେ ଯେ ସମଗ୍ର ଦେଶରେ ଏବେ ୨୨ ଗୋଟି ରାଜ୍ୟ ଏବଂ କେନ୍ଦ୍ରସାସିତ ଅଂଚଳରେ ସରକାର ସାମ୍ବାଦିକ ପେନସନ ଯୋଜନା ଲାଗୁ କରିଛନ୍ତି । ଏହା ଫଳରେ ବୃତିରେ ଥିବା ଅଥବା ବୃତିରୁ ଅବସର ନେଇଥିବା ବରିଷ୍ଠ ସାମ୍ବାଦିକଙ୍କୁ ଅନେକାଂଶରେ ସାମାଜିକ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇ ପାରିଛି । ଏହି ପ୍ରସଙ୍ଗରେ ସୂଚନା ଦେଇ ସେ କହିଥିଲେ ଯେ ବୃତିରୁ ଅବସର ଗ୍ରହଣ କରିବା ପରେ ବହୁ ସାମ୍ବାଦିକଙ୍କ ସାମାଜିକ ଏବଂ ଆର୍ଥିକ ଅବସ୍ଥା ଦୁର୍ବିସହ ହୋଇ ପଡୁଛି । ପରିଣତ ବୟସରେ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାପାଇଁ ବରିଷ୍ଠ ସାମ୍ବାଦିକ ପେନସନ ଯୋଜନା କାର୍ଯ୍ୟକାରୀ କରିବା ନିହାତି ଜରୁରୀ ହୋଇଛି। ତେବେ ରାଜ୍ୟ ବରିଷ୍ଠ ସାମ୍ବାଦିକ ମାନଙ୍କ ଏହି ଦାବିକୁ ସରକାର ଦୀର୍ଘବର୍ଷ ଧରି ଅଣଦେଖା କରି ଆସିବା ଯୋଗୁ ରାଜ୍ୟ ବରିଷ୍ଠ ସାମ୍ବାଦିକ ସଙ୍ଘ ପକ୍ଷରୁ ମାନ୍ୟବର ଓଡିଶା ହାଇକୋର୍ଟରେ ଏନେଇ ଏକ ରିଟ ପିଟିସନ ଦାଖଲ କରାଯାଇଥିଲା । ଯାହାକୁ ବିଚାରକୁ ନେଇ ମାନ୍ୟବର କୋର୍ଟ ଓଡିଶା ସରକାରଙ୍କୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମାନ୍ୟବର କୋର୍ଟଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବାରୁ ବରିଷ୍ଠ ସାମ୍ବାଦିକ ସଂଘ ପକ୍ଷରୁ ଏନେଇ ଓଡିଶା ସରକାରଙ୍କ ବିରୁଦ୍ଧରେ ମନ୍ୟବର କୋର୍ଟଙ୍କ ଆଦେଶ ଅବମାନନା କେଶ ରୁଜୁ କରିଥିଲେ । ଯାହାର ବିଚାର କରି ମାନ୍ୟବର କୋର୍ଟ ନିକଟରେ ଆଗାମୀ ୩ ମାସ ମଧ୍ୟରେ ବରିଷ୍ଠ ସାମ୍ବାଦିକ ମାନଙ୍କୁ ପେନସନ ଯୋଜନାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସଙ୍ଘ ପକ୍ଷରୁ ରାଜ୍ୟବ୍ୟାପି ବରିଷ୍ଟ ସାମ୍ବାଦିକ ମାନଙ୍କୁ ସଂଗଠିତ କରିବା ସହିତ ରାଜ୍ୟସରକାର ମାନ୍ୟବର କୋର୍ଟଙ୍କ ଆଦେଶମତେ ରାଜ୍ୟରେ ତୁରନ୍ତ ବରିଷ୍ଠ ସାମ୍ବାଦିକ ପେନସନ ଯୋଜନା ଲାଗୁ କରିବାକୁ ନିବେଦନ କରିଛନ୍ତି । ଅନ୍ୟାନ୍ୟଙ୍କ ମଧ୍ୟରେ ସଙ୍ଘର ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ସିଂ,ରାଜ୍ୟ ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା,ସାଙ୍ଗଠନିକ ସମ୍ପାଦକ ବିପ୍ଳବ ମହାନ୍ତି, ଜିଲ୍ଲା ଉପଦେଷ୍ଟା ନିହାର ଦାସ, ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ପ୍ରତାପ ଦାସ, ଅଭୟ ପତି,ବାସୁଦେବ ତ୍ରିପାଠୀ, ନବକିଶୋର ସ୍ୱାଇଁ,ବଂଶୀଧର ଦାସ, ଦିଲ୍ଲୀପ ଖୁଂଟିଆ, ଶୈଳେନ୍ଦ୍ର ପଲାଇ, ବିଶ୍ୱନାଥ ସିଂ, ନାରାୟଣ କର, ଦିଲ୍ଲୀପ ନାୟକ, କିଶୋର ନାୟକ, ଗୁଲାମ ଜିଲାନି ହବିବି ପ୍ରମୁଖ ବରିଷ୍ଠ ସାମ୍ବାଦିକ ମାନେ ଉପସ୍ଥିତ ରହି ଆଲୋଚନାର ଭାଗ ନେଇଥିଲେ ।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆର୍ବିଭାବ : ୦୭-୦୩-୧୯୪୮

ତିରୋଧାନ : ୦୭.୦୮.୨୦୨୬

ଁ ପଦ୍ମଚରଣ ମହାରଥୀ

ଆପଣଙ୍କର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭମାନଙ୍କୁ ମ୍ରିୟମାଣ କରୁଛି। ଆପଣ ଆଉ ଇହଧାମରେ ନାହାନ୍ତି ବୋଲି ଭାବିଲା ବେଳକୁ ପାଦତଳୁ ମାଟି ଖସି ଗଲାଭଳି ଲାଗୁଛି। ବିଧିର ବିଧାନ ବିଚିତ୍ର। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଆତ୍ମା ଚିର ମୁକ୍ତିଲାଭ କରୁ ଓ ଆପଣଙ୍କ ଶୁଭାଶିଷ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଏହାହିଁ ଆମ୍ଭମାନଙ୍କ କାମନା।

ଶୋକସନ୍ତପ୍ତ:

ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ


❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida